ନାମର

Printed by H. K. Das,
Chandrodaya Press,
CUTTACK
1927

ନାମରତ୍ନଗୀତା ।

ତୃତୀୟ ଭାଗ ।

ତ୍ରିଷଷ୍ଟିତମ ଅଧ୍ୟାୟ ।

ବନ୍ଦଇ ଶ୍ରୀ ଜଗନ୍ନାଥ ଶ୍ରୀରଙ୍ଗାପଦ୍ମର । ଶରଣପୋଷକ ଦୀନ-ଜନ ଦୁଃଖହର ॥ ଶ୍ରୀଜଗନ୍ନାଥଙ୍କ ନାମ ଭଜ ସାଧୁ ଜନ । କର ଶ୍ରୀ ଜଗନ୍ନାଥଙ୍କ ପୂଜା ଗ୍ରନ୍ଥମାନ ॥ ଶ୍ରୀ ଜଗନ୍ନାଥଙ୍କ ନାମ କର ଜପମାଳି । କଣ୍ଠେ ଲମ୍ବାଅ ଶ୍ରୀ ଜଗନ୍ନାଥ ନାମାବଳୀ ॥ ଜଗନ୍ନାଥ ଜଗନ୍ନାଥ ଜଗନ୍ନାଥ ଗାଇ । ଦୁସ୍ତର ଭବ ସମୁଦ୍ରଁ ହୋଇ ଯାଅ ତ୍ରାହି ॥ ଜଗନ୍ନାଥ ଜଗନ୍ନାଥ ଭଜ ନିରନ୍ତରେ । ନ କର ଅଳସ କ୍ଷଣେ ନିଶି ଦିବସରେ ॥ ଜଗନ୍ନାଥ ନାମରତ୍ନ କଣ୍ଠରୁ ଭୂଷଣ । ଜଗନ୍ନାଥ ନାମରତ୍ନ ଅଟେ ଦୁଃଖୀ ଧନ ॥ ଜଗନ୍ନାଥ ନାମ ଅଟେ ଅମୂଲ୍ୟ ପଦାର୍ଥ । ଜଗନ୍ନାଥ ନାମ ବିନା ସକଳ ବ୍ୟର୍ଥ ॥ ଜଗନ୍ନାଥ ନାମ ନାବ ଭବ ଜଳଧିର । ଜଗନ୍ନାଥ ନାମ ଗୋଷ୍ଟି ଏକା କର୍ଣ୍ଣଧାର ॥ ଜଗନ୍ନାଥ ଜଗନ୍ନାଥ ଜଗନ୍ନାଥ ଦେବ । ତାହାଙ୍କ ନାମ ଗାଇଲେ ଉଦ୍ଧାର ହୋଇବ ॥ ଗରୁଡ଼ ସ୍ତମ୍ଭ ନିକଟେ ମୁହିଁ ନିଶି ଦିନ । ସ୍ତବ ସ୍ତୁତି ପଢ଼ି ମୋର ନ ସରଇ ଦିନ ॥ କ୍ରୋଧେ ଶାସ୍ତ୍ର ସମୁଦ୍ରକୁ ମନ୍ଥି ପକାଇଲି । ବହୁ କଷ୍ଟେ ନାମରତ୍ନ ଗୋଟି ମୁଁ ଲଭିଲି ॥ ଅତି ଆନନ୍ଦରେ କଲି ସେ ରତ୍ନ ଧାରଣ । ଦରଶନ ପାଇଲି ମୁଁ ଅଭୟ ଚରଣ ॥ ସେ ପ୍ରଭୁ ଆଜ୍ଞାରେ ନାମରତ୍ନ ଗୀତା ଗୋଟି । ଲେଖିବାରୁ ଭବଭୟ ଚିନ୍ତାଗଲା ତୁଟି ॥ ସାଧୁ ସଜ୍ଜନଙ୍କୁ ମୋ ଅଶେଷ ଭକତି । ଶୁଦ୍ଧାଶୁଦ୍ଧ ନ ଘେନିବ କରୁଛି ବିନତି ॥ ଅର୍ଜୁନ ବୋଇଲେ କହ ଅହେ ଭଗବାନ । କେମନ୍ତ ପୁର ଅଟଇ ବୈକୁଣ୍ଠ ଭୁବନ ॥ ପାର୍ଥ ବାକ୍ୟ ଶୁଣିଣ କହନ୍ତି ଭଗବାନ । ମନ ଦେଇ ଶୁଣ ଅହେ ପାଣ୍ଡୁର ନନ୍ଦନ ॥ ଯେବଣ କାଳରେ ସୃଷ୍ଟି କଲେ ସୁରଜ୍ୟେଷ୍ଠ । ତିଣ୍ଡ ଅନ୍ତ

ବ୍ରହ୍ମାଣ୍ଡ ଯେ ଚଉଦ ବୈକୁଣ୍ଠ । ସମସ୍ତ ବୈକୁଣ୍ଠେ ସାର ଅଟେ ଯେତ୍ତୁ ପୂଣ । ସେ ତତ୍ତ୍ୱ ନ ପାଇ ବ୍ରହ୍ମେ କରନ୍ତି ଭ୍ରମଣ ॥ ବ୍ରହ୍ମ ଏଣେ ଦୂରେ ରହିଅଛି ସର୍ବଘଟେ । ଘଟେ ତାହା ନ ପାଇଣ ଖୋଜନ୍ତି ବୈକୁଣ୍ଠେ ॥ ବୁଝିଲେ ସବୁର ଦେହ ବୈକୁଣ୍ଠ ଭୁବନ । ଏ ଭେଦ ତାହା ପାରନ୍ତି ଏକା ଜ୍ଞାନିଜନ ॥ ବେଦ ଯେ ଶରୀରେ ଥାଏ ଶରୀର ଯେ ବେଦ । ବେଦର ତତ୍ତ୍ୱ ଏକା ଯେ ଅଟନ୍ତି ଗୋବିନ୍ଦ ॥ ଗୋବିନ୍ଦଙ୍କୁ ଚିହ୍ନିଲେ ଯେ ବୈକୁଣ୍ଠ ଚିହ୍ନିବ । ସାର ବଇକୁଣ୍ଠ ଏହି ମଧ୍ୟମ ପାଣ୍ଡବ ॥ ସତ୍ରନିଧି ବଇକୁଣ୍ଠ କଥା ଏବେ ଶୁଣ । ତହିଁ ବିଜେ କରିଛନ୍ତି ପ୍ରଭୁ ନାରାୟଣ ॥ ଖୋଜନ୍ତି ବୈକୁଣ୍ଠେ ବ୍ରହ୍ମଙ୍କୁ ଯେ ଚିଦାନନ୍ଦ । ବେଦ ସୂତ୍ର ନ ଜାଣି ଭଜନେ ହୋଇ ମୋହ ॥ ନାମର ତତ୍ତ୍ୱ ନ ଜାଣି ଜପିଲେ କି ଫଳ । ଗଙ୍ଗାଜଳ ଛାଡ଼ିଣ ପିଅଇ କୂପ ଜଳ ॥ ନାମର ତତ୍ତ୍ୱ ଭୁଷଣ୍ଡ କାକ ପାଇକରି । ଅମର ହୋଇଣ ଦେହ ରହିଅଛି ଧରି ॥ ଜନ୍ମକାଳରୁ ବିଧାତା ବୈକୁଣ୍ଠ ନ ଦେଖି । ଦେଖିବା ବୋଲି ବସିଲେ ବୁଜି ଅଷ୍ଟ ଆଖି ॥ ମନ ଚୈତନ୍ୟ ନିଶ୍ଚଳ କରି ପଦ୍ମଯୋନି । ଜ୍ୟୋତିରେ ଲପୃକୁ ଦିଶି ହୋଇ ଅଭିମାନୀ ॥ ଚକ୍ଷୁକୁ ବୁଜନ୍ତେ ଜ୍ୟୋତି ଦିଶିଲା ସ୍ୱଚ୍ଛଳ । ବୈକୁଣ୍ଠପାକ ବ୍ୟାପିଛି ଏକା ଅନୁକୂଳ ॥ ସେ ବୈକୁଣ୍ଠ କଥା ପାର୍ଥ କହିବ ମୁଁ କିସ । ସିଂହଦ୍ୱାର ବାଟେ ଯାନ୍ତି ଦୁଇଗୋଟି ହଂସ ॥ ନିମିଷକେ ବୁଲିଯାଇ ପଶନ୍ତି ବୈକୁଣ୍ଠେ । ବିଷ୍ଣୁର ସମ୍ପଦ ତହିଁ ଅକଳିତ ଅଟେ ॥ ପ୍ରକାଶ ହୋଇ ଗୋଟିଏ ପାଦ ଗ୍ରନ୍ଥ-ଯାନ୍ତି । ବୈକୁଣ୍ଠେ ପଶି ପରମ ପଦେ ବଳସନ୍ତି ॥ ପ୍ରତ୍ୟକ୍ଷେ ପରମ-ବ୍ରହ୍ମ ପ୍ରଭୁ ପୂର୍ଣ୍ଣାନନ୍ଦ । ସେ ବୈକୁଣ୍ଠେ ବିଜେ କରିଅଛନ୍ତି ଗୋବିନ୍ଦ ॥ ସେ ବୈକୁଣ୍ଠର ମହିମା କି କହିବି ମୁହିଁ । କୋଟି କୋଟି ରବିଚନ୍ଦ୍ର ଛନ୍ତି ଉଦେ ହୋଇ ॥ ଚଉଦିଗେ ଅବୋଟିଛି ମରକତ ବାଡ଼ । ରହିଅଛି ଝଷ୍ଟିଚାରି ହୋଇ ଲୁଢ଼ିକୁଢ଼ି ॥ ମରକତ ସ୍ତମ୍ଭପରେ ବିରାଜେ ମାଣିକ୍ୟ । ଲାଗି ଅଛଇ ଭୂଣ୍ଡିରେ ହୀରା ନୀଳା ରେଖ ॥ ସୁବର୍ଣ୍ଣ

କଲଶପରେ ଶୋହେ ମୋଢଝଂସ୍ୱ । ସ୍ଫଟିକର କାନ୍ଥେ ବସେ ବୈଦୂର୍ଯ୍ୟର ଓବ୍ର । କାଚର ପାବଚ୍ଛେ ସ୍ୱର୍ଣ୍ଣରସାଣ ଛାଏଣି । ଅଷ୍ଟଦଳେ ବିରାଜଇ ନବରତ୍ନ ମଣି ॥ ଅରୁଣର ପାଟମ୍ବା ଖମ୍ଭା ହୋଇଅଛୁ । ଭାଗ୍ରଗଣ ତହିଁ ପୁଷ୍ପରୂପେ କି ଫୁଟିଛୁ ॥ ରକ୍ତବର୍ଣ୍ଣ ମେଘମାଳ ଠାବେ ଠାବେ ଲମ୍ବେ । ଲକ୍ଷ ଲକ୍ଷ ପ୍ରତିମା ବିରାଜେ ଖମ୍ବେ ଝମ୍ବେ ॥ ଖମ୍ବ ଗୋଟିକେ ନିର୍ମାଣ ଚଉଷଠି ପାଟ । ପାଟେ ପାଟେ ନବରତ୍ନ ଦଶେ ଝଟ ଝଟ ॥ ଅଷ୍ଟଦଳେ ଅଷ୍ଟଖମ୍ବ ଏ କି ଅଷ୍ଟଗିରି । ମାତ୍ର ବସିଅଛୁ ଅଷ୍ଟଦଳେ ବିସ୍ତରି ॥ ଏ ସଂସାରେ ନାନାବର୍ଣ୍ଣେ ଛନ୍ତି ଯେତେ ଜୀବ । ଏକସ୍ତମ୍ଭେ ବସିଣଅଛନ୍ତି ଖଞ୍ଜି ଖଞ୍ଜି ॥ ଦଶଦିଗରେ ଭୂଷଣ ଦଶ ଦିଗପାଳ । କେବଣ ସ୍ଥାନରେ ଅବତାର ମାଳ ମାଳ ॥ କେଉଁ ସ୍ଥାନେ ମତ୍ସ୍ୟରୂପ କାହିଁ ଯେ କଚ୍ଛପ । କାହିଁ ବା ବରାହ କାହିଁ ନରସିଂହ ରୂପ ॥ କାହିଁ ଲେଖା ହୋଇଅଛୁ ବାମନ ମୂରତି । ଭଳେପୁର ମୋହ କାହିଁ ପର୍ଶୁରାମ ଯତି ॥ କେଉଁସ୍ଥାନେ ରଘୁନାଥ ହୋଇଛନ୍ତି ଉଭା । କାହିଁ କୃଷ୍ଣରୂପ ନବଘନ ଶ୍ୟାମପ୍ରଭା ॥ କାହିଁ ଯେ ବଉଦ୍ଧରୂପ କାହିଁ ଯେ କଲକି । କାହିଁ ହରଗୌରୀ ରୂପ କାହିଁ ଅଷ୍ଟସଖୀ ॥ କାହିଁ ବିରାଜନ୍ତି ପ୍ରଭୁ ଲକ୍ଷ୍ମୀ ନାରାୟଣ । କେଉଁସ୍ଥାନେ ଚନ୍ଦ୍ର ସୂର୍ଯ୍ୟ କାହିଁ ଯେ ବରୁଣ ॥ କାହିଁ ଯେ ହୋଇଛୁ ଯମ ଧର୍ମ ବିରାଜିତ । କେଉଁସ୍ଥାନେ ବିଦ୍ୟମାନ ମରୁତ ନୈଋତ ॥ କାହିଁ ସୁର ବୈଶ୍ୱାନର କୁବେର ଦୈବତ ॥ ଅନନ୍ତ ମୂର୍ତ୍ତି ବାସୁକି କେଉଁସ୍ଥାନେ ସ୍ଥିତ ॥ କାହିଁ ରମ୍ଭା ତିଳୋତ୍ତମା ଉର୍ବଶୀ ମେନକା । ଅପସରୀ ଆଦି ସର୍ବ କାହିଁ ଅଛୁ ଲେଖା ॥ କାହିଁ ମହାସିଂହ ମୂର୍ତ୍ତି ମଣିନାଗ ଗଜ । କାହିଁ ବିନତାନନ୍ଦନ କାହିଁ ହଂସରାଜ ॥ ବିଷ୍ଣୁ ଡକାବଇଠୀ ସେ ବଇକୁଣ୍ଠପୁର । ତାହାର ମହିମା ଯାଥ ମୋତେ ଅଗୋଚର ॥ ସେ ବିଷ୍ଣୁ ନାସା ନିଶ୍ୱାସ ବାହାରଇ ଯେତେ । ବ୍ରହ୍ମାଙ୍କର ଅଯୁତ ଯେ କଳ୍ପ ଯାଏ ତେତେ ॥ ଗୋଟିଏ ନିଶ୍ୱାସ ଛାଡ଼ି ଟେକନ୍ତେ ଲେଉଟି । ପ୍ରଳୟ ସରଇ ପୁଣି ଜାତ

ପରମେଷ୍ଠୀ ॥ ଏମନ୍ତେ ସେ ବୈକୁଣ୍ଠରେ ବସ୍ତୁର ମହିମା । ବସିଅଛନ୍ତି ଅର୍ଜୁନ କୋଟଲ ଯେନ ରମା ॥ ଶଙ୍ଖ ଚକ୍ର ଗଦା ପଦ୍ମ ଶୋଭେ ଚତୁର୍ଭୁଜେ । ଶ୍ରୀବତ୍ସଲାଞ୍ଛନ ବକ୍ଷ ସ୍ଥଳରେ ବିରାଜେ ॥ ଉରପରେ ନେତ୍ରହାର ଶୋଭେ କେତେ କେତେ । କଟିଦେଶେ ବିରାଜଇ ସ୍ୱର୍ଣ୍ଣ ପାଟନେତ ॥ ବକ୍ଷଦେଶେ ଶୋଭାପାଏ କଉସ୍ତୁଭ ମଣି । ବାଙ୍କ ଚୂଳେ ଶିଖିଚୂଳ ଅପୂର୍ବ ଗୁନ୍ଥିଣି ॥ ଅହୋ ଧନଞ୍ଜୟ ସେହି ରୂପ ଅଗୋଚର । ନାନା-ପୁଷ୍ପ ଆଭରଣ ଶୋଭିଛି ଶରୀର ॥ ବେନି ପୟର ନୂପୁର ବାଜେ ରୁଣ-ଝୁଣ । ଅଭିନବ ଜଳଧର ଜିତ ଦେହ ବର୍ଣ୍ଣ ॥ ଅରୁଣ ଜ୍ୟୋତିକ ଗଞ୍ଜେ ପାଦପଦ୍ମ ବେନି । ତାଙ୍କୁ ପଟାନ୍ତର ନାହିଁ ଅହୋ ଫାଲଗୁନି ॥ ନଖପନ୍ତି ମୋତିପନ୍ତି ପ୍ରାୟ ଝଟକନ୍ତି । ସୁଗନ୍ଧ ଶୀତଳ ମକରନ୍ଦ ବହି ଯାନ୍ତି ॥ ପ୍ରକାଶି ଛନ୍ତି ପୟର ସକଳ ପାଳଇ । ସେ କଞ୍ଜ ପଦ ଛାଡ଼ିଲେ ଭବାବ୍ଧି ତରଇ ॥ ବନ୍ଧୁ ପଦ୍ମଜ ସେ ପଦ ଉର୍ଦ୍ଧ୍ୱେ ଧାର ଟେକି । ସେହି ପଦମକରନ୍ଦ ତାଙ୍କର ପ୍ରାନ୍ତେ ॥ ଶ୍ରୀ ପୟରୁ ମକରନ୍ଦ ସ୍ରବନ୍ତି କେଳରେ । ସୁଗନ୍ଧ ଶୀତଳ ହୋଇ ବହଇ ଅଧରେ ॥ ଅଧ ଦେଶେ ବହି ପୁଣି ଟେକେ ପାଦମୂଳେ । ସେ ମକରନ୍ଦ ଅସର ଦେଖୁ ସଦାକାଳେ ॥ ଏମନ୍ତେ ସେ ମକରନ୍ଦ ଗଲେ ପଦ ତଳେ । ଉଜ୍ଜ୍ୱଳ ତନୁ ପ୍ରକାଶି କଲେ ପ୍ରଭୁ ବଳେ ॥ ବ୍ରହ୍ମାଙ୍କୁ ଭେଟକର ଯେ ବଇକୁଣ୍ଠେ ଗଲେ । ଏ କାରଣ ସେହି ଦେବଗଣେ ଜଣାଇଲେ ॥ ସ୍ୱର୍ଗ ପୁରକୁ ବୈକୁଣ୍ଠ ଅଟେ ଜାଣ କେତେ । ଦ୍ୱାଦଶ କୋଟି ଯୋଜନ ଲେଖନ୍ତି ପଣ୍ଡିତେ ॥ ବସ୍ତୁଙ୍କ ସହିତେ ଯାଇ ଜାଣିଲି ସେ ପଥ । ମହାଶୂନ୍ୟ ଅଟଇ ସେ ପଥ ଅକଳିତ ॥ ଅକଳିତ କଥା ଏକ ଅଛି ଜାଣି ତହିଁ । ସେ ପଥ ଯାକେ ମଳୟ ବାୟୁ ବହୁଥାଇ ॥ ସେ ବାୟୁ ଲାଗିଣ ଟଳିବତ ହୁଏ ଦେହ । ଦେବଙ୍କ ସହିତେ ଯେନ ଶାନ୍ତି ଚିତାମହ ॥ ସେ ବାଟରେ ନ ଲାଗଇ ତୃଷା କ୍ଷୁଧା କିଛି । ତେଣ ଦେବଙ୍କର ଦେହ ଅରୋଗ୍ୟ ହୋଇଛି ॥ ସାଧୁଙ୍କ ସେ ମାର୍ଗେ ଗୋଟି

ଯାଏ ହୋ ଜଣା । ସେ ପଥ ଅନ୍ୟ ନ ପାଇ ହୁଅନ୍ତି ଯେ ବଣା । ଏ ସମସ୍ତ ଶ୍ରୀକୃଷ୍ଣଙ୍କ ଶ୍ରୀ ମୁଖବଚନ । ଦୁଃଖୀ ଜନମାନଙ୍କର ଦୁଃଖ ବିମୋଚନ ॥ କ୍ଷଣେ କୁନ୍ତୀନନ୍ଦନ ପରମ ସନ୍ତୋଷ । ନାମରତ୍ନଗୀତା ଭଣେ ଦୀନକୃଷ୍ଣଦାସ ।

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜ୍ଜୁନସମ୍ବାଦେ ବୈକୁଣ୍ଠ-ପୁର କଥନଂ ନାମ ତ୍ରିଷଷ୍ଠିତମୋଽଧ୍ୟାୟଃ ।

—୦✻୦—

ଚତୁଃଷଷ୍ଟିତମ ଅଧ୍ୟାୟ ।

ଅର୍ଜ୍ଜୁନ ଉବାଚ ।

ଅର୍ଜ୍ଜୁନ ପୁଣ ପୁଚ୍ଛନ୍ତି ଶୁଣ ହେ ଗୋବିନ୍ଦ । ଅହେ ପ୍ରଭୁ ଜନାର୍ଦ୍ଦନ ଅହେ ଆନନ୍ଦକନ୍ଦ ॥ ସାଧୁସନ୍ଥ ବଇଷ୍ଣବ ଅଛନ୍ତି ଯେତେକ । ସେମାନେ ଅଟନ୍ତି ତୋର ଅତି ପ୍ରିୟ ଲୋକ ॥ ଗୃହ ସମ୍ପଦା କିପାଇଁ ହୋଇଲେ ଯେ କହ । ମୋହର ମନମଧ୍ୟରେ ହୋଇଛି ସନ୍ଦେହ ॥ ଶ୍ରୀହରି ବୋଇଲେ ଶୁଣ ଧନଞ୍ଜୟ ବୀର । ଯାହା ତୁହି ପଚାରିଲୁ ତାହାର ଉତ୍ତର ॥ ଦିନେ ଦେବଗଣ ଯାଇଁ ବ୍ରହ୍ମାଙ୍କୁ ପୁଚ୍ଛିଲେ । ବ୍ରହ୍ମା ତା କହି ନ ପାରି ବଇକୁଣ୍ଠେ ଗଲେ ॥ ତାହାଙ୍କ ସଙ୍ଗତେ ଗଲେ ସୁର ନର ମୁନି । ଯକ୍ଷପତି କୁବେର ଯେ ଅଟେ ମହାଧନୀ ॥ ମରୀଚି ଦକ୍ଷ କଶ୍ୟପ ଭୃଗୁ ତପୋଧନ । ଅଙ୍ଗିରା ପୌଲସ୍ତ୍ୟ ଋଷି ପୁଲହ ନନ୍ଦନ ॥ ସନକ ସନନ୍ଦ ଯେ ଶଉନକ ଅଗସ୍ତି । ଅପର ଯେ ସନାତନ ବୋଲୁ ମହାଯତି ॥ ନାରଦ କଣ୍ୱ ଦୁର୍ବାସା ବ୍ୟାସ ବାଲ୍ମୀକି । ଶଙ୍ଖଶୃଙ୍ଗ ଉଦ୍ଦାଳକ ଚ୍ୟବନ ଜନକ ॥ ରୋମଶ ଗାର୍ଗ୍ୟ ଜୈମିନି ମୁନି ପରାଶର । ପୁଲସ୍ତି ମେରୁଶୃଙ୍ଗ ଅତ୍ରି ମୁନିବର ॥ ଦତ୍ତାତ୍ରେୟ ଆତ୍ରେୟ ଯେ ମୁନି ବିଶ୍ୱାମିତ୍ର । ଅଷ୍ଟାବକ୍ର ସଉମିତ୍ର ମିତ୍ର ପୁଣ୍ୟକ୍ଷେତ୍ର ॥ ବ୍ରହ୍ମବେତ୍ତା ଜ୍ଞାନବେତ୍ତା

ନାମ ଯନ୍ତ୍ରେ ଭଣି । ଜନ୍ମ ବୈଶମ୍ପାୟନ ଓ ଯେ ଭରଦ୍ୱାଜ ଆଦି ॥ ଋଷିବୃନ୍ଦ
ଯେତେ ଲେଖା ହୋଇଛୁ ପୁରାଣେ । ସମସ୍ତେ ଯାଉଅଛନ୍ତି ବ୍ରହ୍ମାଙ୍କ
ଗହଣେ । ଏହାଙ୍କର ମୂଳେ ପୁଣି ଆଦିଦେବ ଯେତେ । ତାର ବାର
ଚନ୍ଦ୍ର, ସୂର୍ଯ୍ୟ ବରୁଣ ସମେତେ ॥ ପବନ ରବ୍ୟଂଶ ଯୋଗ କରଣ ଅଛନ୍ତି ।
ବଇକୁଣ୍ଠ ପୁରେ ବଜେ କଲେ ପ୍ରଜାପତି ॥ ଉମାଙ୍କୁ ଘେନି ଈଶ୍ୱର
ଦେବ ଓଳଗଲେ । ଷଡ଼ାନନ ବିନାୟକ ଦେବଗଣ ଭୂଲେ ॥
ସମସ୍ତଙ୍କୁ ଘେନି ବ୍ରହ୍ମା ବିଷ୍ଣୁଙ୍କ ଛାମୁରେ । କର ଯୋଡ଼ି ଜଣାଇଲେ
ମଧୁର ସ୍ୱରରେ ॥ ଆହେ ଦେବଦେବ ତୁମ୍ଭେ ତ୍ରିଲୋକର ସ୍ୱାମୀ ।
କମଳାଦେବୀବଲ୍ଲଭ ଅଟ ଅନ୍ତର୍ଯ୍ୟାମୀ ॥ ତୋହର ଆଜ୍ଞାରେ ଆମ୍ଭେ
ସୃଷ୍ଟି ହଅଇଲୁଁ । ଏ ବୈକୁଣ୍ଠ ପୁରେ ତୋର ଦର୍ଶନ ଲଭିଲୁଁ ॥
ତୋହର ଶ୍ରୀ ପାଦପଦ୍ମେ କହିବାକୁ ଅଛୁ । ବିଶ୍ୱରନ୍ତୁ ଆଜ୍ଞା ଯେବେ
ଦେବ ହେ ଶ୍ରୀବତ୍ସ ॥ କାହିଁ ବ୍ରହ୍ମ ପରଯନ୍ତେ ଯେତେ ଅଛୁଁ ଜନ୍ମି ।
ସକଳେ ଆସିଛୁଁ ଏଥେ ଆହେ ଦେବ ସ୍ୱାମି ॥ ଗୁରୁ ନ କରଣ ଯେହୁ
ପ୍ରାଣ ତ୍ୟାଗ କରେ । ସେ ଯାଇଁ ଉପୁଜେ ପୁଣି ନରକ କୁଣ୍ଡରେ ॥ ଜୀଇ
ଥିବା ଯାଏ ସେହୁ ପଶୁମଧ୍ୟେ ଗଣ୍ୟ । ଏହେଣୁ ଆମ୍ଭଙ୍କୁ ମୋକ୍ଷକର
ଭଗବାନ ॥ ଆମ୍ଭଙ୍କୁ ସମ୍ପ୍ରଦା କଥାମାନ ଅଗୋଚର । ବେଦରେ ବୁଝିଲୁଁ
ସେହି ବୋଲେ ଗୁରୁ କର ॥ ତେଣୁ ଆମ୍ଭେ ଶ୍ରୀଛାମୁକୁ ଆସିଛୁଁ ସମସ୍ତେ ।
କହନ୍ତୁ ଗୁରୁ ସମ୍ପ୍ରଦା ହୋଇଲେ ଯେମନ୍ତେ ॥ ଶ୍ରୀ ଗୁରୁଙ୍କ ଧର୍ମ ପନ୍ଥା
ଶୁଣିବା ନିମନ୍ତେ । ଆସି ଅଛନ୍ତି ସକଳେ ମୋହର ସଙ୍ଗତେ ॥ ଏହି-
ରୂପେ କହି ବ୍ରହ୍ମା ଜଣାନ୍ତି ଛାମୁରେ । ଶୁଣି ନାରାୟଣ ପ୍ରଭୁ ହସନ୍ତି
ମନରେ ॥ ବୋଇଲେ ଏ ଧ୍ରୁବ କଥା କହେ ଆସି ବିଧି । ସମ୍ପ୍ରଦା ନ
କଲେ ମୋତେ ନ ଚିହ୍ନିବେ କେହି ॥ ଆମ୍ଭେ ପ୍ରଭୁ ବୋଲାଇଣ
ଅଛିଲେ ବୈକୁଣ୍ଠେ । ସଂସାରେ ମୋହର ନାମ ତେଜିବେତ ଦୁଷ୍ଟେ ॥
ଏମନ୍ତ ପାଖ ବ୍ରହ୍ମାଙ୍କୁ ବିଷ୍ଣୁ ଦେଲେ ଆଜ୍ଞା । ବୋଇଲେ ଶୁଣ ମୋହର
ସମ୍ପ୍ରଦା ପ୍ରତିଜ୍ଞା ॥ ସତ୍ୟ ଧର୍ମ ଦୟା ଜ୍ଞାନ ବୋଲିବା ଉଦ୍ଧାର । ଗୁରୁ-

ଭକ୍ତ ଯାହେ ଅଗ୍ନି ଲାଗିବେ ମୋହର । ଏମନ୍ତ କହନ୍ତେ ସତ୍ୟ ଧର୍ମ ଦୟା ଜ୍ଞାନ । ଶଙ୍ଖ ଚକ୍ର ଗଦା ପଦ୍ମ ରୂପକୁ ଧରଣ ॥ ସୁରବର ଚଳିଲେ ଦେଲ ଗୃହକର ବାସ । ତଦନ୍ତେ କହିଲେ ଶୁଣ ଯାହା ହୃଷୀକେଶ ॥ ସତ୍ୟ ଶଙ୍ଖ ରୂପେ ଯାଇଁ ରହିଲା ଶ୍ରୀକରେ । ଚତସଣେ ଯାଇଁ ଧର୍ମ ଚକ୍ର ରୂପ ଧରେ ॥ ଦୟା ଗଦା ରୂପ କରେ ରହିଲା ସେଷଣି । ଜ୍ଞାନ ପଦ୍ମ ରୂପ ଧରି ଅଣ୍ଡା କଲା ପାଣି ॥ ଅମ୍ଭ ଚାରି କରେ ଏହି ଚାରି ଲାଗି-ବାରୁ । ତେଣୁ ବ୍ରହ୍ମା ଅମ୍ଭେ ଚତୁର୍ଭୁଜ ରୂପ ଧରୁଁ ॥ ସେହି ଭକ୍ତମାନ-ଙ୍କର ତେଜ ପ୍ରକାଶିବା । ସେ ଭକ୍ତମାନଙ୍କୁ ମୋର କଣ୍ଠବ ଯେ ସେବା । ତେବେ ସମ୍ପଦା ବଢ଼ିଲ କହୁଅଛୁ ମୂର୍ତ୍ତି । ଯେ ଯାହାର ଧାମ ସେହ ସିବ ଜଣା ହୋଇ ॥ ଏମନ୍ତ କହି ପ୍ରକାଶି ଦେଲେ ଚତୁର୍ଭୁଜ । ଦଶିଗଲ ଶଙ୍ଖ ଚକ୍ର ଗଦା ପଦ୍ମ ତେଜ ॥ ତାହା ଦେଖି ବ୍ରହ୍ମାରୁଦ୍ର କଲେ ଜୟକାର । ସେ ସମୟେ ସମସ୍ତଙ୍କ ଭୟ ହେଲା ଦୂର ॥ ଚତୁଃପାର୍ଶ୍ୱେ ପ୍ରଣାମ କରିଲେ ପଦ୍ମପାଦେ । ଋଷି ସୁରମୁନି ଅତି ଆନନ୍ଦ ହୃଦେ ॥ ଅପୂର୍ବ ଶୋଭା ଦେଖାନ୍ତି ପ୍ରଭୁ ତାଙ୍କୁ କାହିଁ । ଉଠି ସକଳେ ଦେଖନ୍ତି ପାଦସେବା ଏଡ଼ି ॥ ଶ୍ରୀପଦ୍ମକରକୁ ଯାଇଁ ଲକ୍ଷ୍ମୀ ସେବା କଲେ । ବିଧାତା ତାହା ଦେଖିଣ ଆଶ୍ଚର୍ଯ୍ୟ ହୋଇଲେ ॥ ସ୍ତବିଲେ ସେବା କରିବା ଅମ୍ଭେ ଚକ୍ର ହସ୍ତ । ଏହି ଚକ୍ର ଗୋବିନ୍ଦର ଅଟେ ଆତ୍ମତତ୍ତ୍ୱ ॥ ଅମ୍ଭଙ୍କୁ ଚହିଲେ ସିନା ସତ୍ତ୍ୱ ଜ୍ଞାନ ପାଇ । ଜ୍ଞାନ ଉଦେ ହେଲେ ସିନା ସଂସାରୁ ତରଇ ॥ ଏମନ୍ତ ହୃଦରେ ଭାବି ଚକ୍ର କର ଗୋଟି । ଆନନ୍ଦେ ଉଠିଣ ସେବା କଲେ ପରମେଷ୍ଠୀ ॥ ପ୍ରଥମରେ ବ୍ରହ୍ମା ଲକ୍ଷ୍ମୀ ସେବିବାର ଦେଖି । ଉଠିଲେ ସନକଋଷି ଶୁଦ୍ଧ ପଦ୍ମଆକ୍ଷି ॥ ଗଦା ହସ୍ତକୁ ସେବିଲେ ଯତିବର ଯାଇଁ । ତା ଦେଖି ଉଠିଲେ ରୁଦ୍ର ହୃଦେ ଭକ୍ତି ବହି । ଶଙ୍ଖ କରକୁ ସେବିଲେ ସେ ବୃଷଭଧ୍ୱଜ । ଧନ୍ୟ ପ୍ରଭୁଙ୍କ ମହିମା ଅଟେ ଚତୁର୍ଭୁଜ ॥ ବହୁ ତପ କଲେ ନ ଦେଖିଲେ କେହେ ଯାହା । ବ୍ରହ୍ମା ରୁଦ୍ର ସଙ୍ଗେ ଅଧି ଦେଖିଲେ ଯେ ତାହା ॥

ସତ୍ୟ ଧର୍ମ ଦୟା ଜ୍ଞାନ ଯେଉଁ ଶୁଦ୍ଧ ମୂର୍ତ୍ତି । ଚତୁର୍ଭୁଜରେ ରହିଲେ ବହୁ ବିଭବ୍ୟ ଜ୍ୟୋତି ॥ ଅନୁକ୍ଷଣେ ଦେଲେ ବସ୍ତ୍ର ଅଙ୍ଗ ଆଭରଣ । ଏ ରୂପ ବର୍ଣ୍ଣିନା କରି ନ ପାରେ ପୁରାଣ ॥ ବ୍ରହ୍ମା ରୁଦ୍ର ଆଦି ସେବା କଲେ ଚତୁର୍ବାହା । ଯାହାଙ୍କୁ ଯେ ଆଜ୍ଞା ଦେଲେ ଶୁଣ ଏବେ ତାହା ॥ ମହା-ଲକ୍ଷ୍ମୀଙ୍କ ଲଲାଟେ ଦେଲେ ଏକ ବିନ୍ଦୁ । ତାରକମନ୍ତ୍ର କହିଲେ ଜାତ କରି ହୁଁ ॥ ସେହି ବିନ୍ଦୁ ଜ୍ୟୋତି ରଣ୍ଡ ପ୍ରାୟ ଜଳୁଅଛି । ତ୍ରିକୁଟେ ଚନ୍ଦ୍ରମା ପ୍ରାୟ ଜ୍ଞାନଙ୍କି ଦିଶୁଛି । ଜାଣିବା ଲୋକଙ୍କୁ ପାପ ଶିଖାପର ଦିଶେ । ଖୋଜିଥାନ୍ତି ନ ଜାଣିବା ଲୋକେ ଥାଇ ପାଶେ ॥ ଶ୍ରୀ ସମ୍ପ୍ରଦା ନାରାୟଣ ଏରୂପେ ପ୍ରକାଶି । ଦେଖିଲେ ତନ୍ତ୍ରର ସେବା କରେ ବ୍ରହ୍ମା ବସି ॥ ଯେଉଁ ତନ୍ତ୍ରରେ ଦ୍ୱାଦଶ ଶବ୍ଦ ପ୍ରକାଶୁଛି । ଷଡଚକ୍ର ଭେଦ ନାଦ ଉଚ୍ଚେ ଘୁମୁରୁଛି ॥ ରଥ ଅକ୍ଷରକୁ ଟେକି ଥାଏ ଯେତେକାଳ । ଶରୀରେ ବସି ଆତ୍ମାକୁ ପ୍ରକାଶେ ନିଶ୍ଚଳ ॥ ର ଅକ୍ଷର ଏଡ଼ି ନାମ ଧଇଲେ ମରଇ । ପିଣ୍ଡ ନଂଜ ଗଲେ ଆତ୍ମା ବ୍ରହ୍ମେ ବିକାଶଇ ॥ ସକଳ ଜୀବ ଶରୀରେ ଶବ୍ଦ ଆତ୍ମା ଜାଣ । ଶବଦ ଶରୀରୁ ଗଲେ ଦେହ ମିଶେ ତୃଣ ॥ ଦେହବ୍ୟାପୀ ନାରାୟଣ ନାରାୟଣ ବ୍ରହ୍ମ । ନ ଚିହ୍ନି ତା ମୂଢ଼େ ମରୁଥାନ୍ତି ହୋଇ ଭ୍ରମ । ତନ୍ତ୍ର ଗୋଷ୍ଠି ବ୍ରହ୍ମରୂପୀ ବ୍ରହ୍ମ ତନ୍ତ୍ର ତହିଁ । ସେ ବ୍ରହ୍ମ ଚିହ୍ନି ସେବିଲେ ବ୍ରହ୍ମ ତନ୍ତ୍ର ପାଇ । ବ୍ରହ୍ମାର ସେବା ଦେଖିଣ ଦେଲେ ପ୍ରଭୁ ଆଜ୍ଞା । ନସା ଅଗ୍ର କେଶପାଏ ତିଳକର ଶିଖା ॥ କରମନ୍ଦିର ଦେଲେ ସେ ତିଳକର ନାମ । ବ୍ରହ୍ମ ସମ୍ପ୍ରଦା ବୋଇଲେ ଶ୍ରୀ ପୁରୁଷୋତ୍ତମ ॥ ହକାର ଅକ୍ଷର ନାମ ଶୁଣା-ଇଲେ ପୁଣି । ତଦନ୍ତେ ଗଦା ହସ୍ତକୁ ଶୁଦ୍ଧେ ଗଦାପାଣି ॥ ଦେଖିଲେ ସେବା କରନ୍ତି ସେ ହସ୍ତ ସନକ । ତାଙ୍କ ଭକ୍ତି ଦେଖି ତାଙ୍କୁ ଦେଲେକ ତିଳକ । ନାସା ଅଧରୁ ତିଳକ ଦେଇ ତା ଉପରେ । ବିନ୍ଦୁ ମୁଦ୍ରା ଦେଇ ତାକୁ ଶୁଦ୍ଧିଲେ ସଧୀରେ ॥ ଆହେ ପାର୍ଥ ମୁଦ୍ରା ଧରି ଉଡ଼ିଛନ୍ତି ହରି । ସେ ହରି ଶିରରେ ପଡ଼ି ବହେ ଯେଉଁ ନୀର ॥ ଯମୁନା କାଳିନ୍ଦୀ

ହୃଦ ଅଟଇଟି ସେହି । ଉଲଟ କଦମ୍ବ ତରୁଗୀରେ ଅନ୍ତ ରହି ॥ ସେ ବୃକ୍ଷ ଶାଖାରେ ବସି ବେଣୁ ଧରି କରେ । ଭାବଗ୍ରାହୀ ବଦନରେ ଫୁଙ୍କନ୍ତି ସୁସ୍ୱରେ ॥ ମୁରଲି ଯେବଣ ରାଧା ନାମ ଗୋଟି ଡାକେ । ସେ ରାଧାକୁ କେହି ଚହ୍ନି ନ ପାରନ୍ତି ଲୋକେ ॥ ରାଧା ଅକ୍ଷରଟି ଏ ବେନି ପ୍ରତ୍ୟକ୍ଷରେ ବ୍ରହ୍ମ । ମୁରଲୀ ଡାକଇ ବ୍ରହ୍ମେ ଲଗାଇଣ ପ୍ରେମ ॥ ସେ ମୁରଲୀ ଉଚ୍ଚସ୍ୱରେ ବୋଲେ ରାଧା ରାଧା । ର ଅକ୍ଷର ଜୀବ ପରମ ଅଟଇ ଧା ॥ ସେ ଜୀବ ପରମ ଦୁହେଁ ବେଣୁ ରନ୍ଧ୍ର ଅନ୍ତ । କ୍ଷଣକରେ ଯାଆ ଆସ କରୁଥାନ୍ତି ବ୍ୟଗ୍ରେ ॥ ସେ ବେନି ଅକ୍ଷର ବିଦ୍ୟମାନ ସର୍ବ ଘଟେ । ତେଣୁ ରାଧା ନାମ ଗୋଟି ରାସକ୍ରୀଡ଼ା ଅଟେ ॥ ଭୁଷଣ୍ଡି ରାଧା ଧରଣ ଟେକନ୍ତେ ସର୍ବଦା । ତାହାଙ୍କୁ ହୋ ପ ଥଂ ରାଧା ଶବ୍ଦ ଦେଲେ ରାଧା ॥ ରାଧା ନାମ ଗୋଟି ବ୍ରହ୍ମ ବ୍ରହ୍ମ ରାଧା ଜାଣ । ଜୀବଙ୍କର ଭଜନ ଏ ନାମଟି ପ୍ରମାଣ ॥ ବୁଝିଲେ ସନକ ମୁନି ମହାବ୍ରହ୍ମଜ୍ଞାନୀ । ଶ୍ରୀ ରାଧା ଶ୍ରୀ ବ୍ରହ୍ମ ବୋଲି ପାରିଲେ ସେ ଜାଣି ॥ ରାଧାଙ୍କୁ ଉର୍ଦ୍ଧ୍ୱରେ ପାଇ ଅଶ୍ରେ ଲଲେ ଗଦା । ତେଣୁ ପ୍ରଭୁ ନାମ ଦେଲେ ସନକ ସମ୍ପ୍ରଦା ॥ କୃ ଅକ୍ଷର ନାମ ମନ୍ତ୍ର କର୍ଣ୍ଣେ କହିଦେଲେ । ସନକଙ୍କୁ ଶିକ୍ଷା ଦେଇ ରୁଦ୍ରଙ୍କ ଚାହିଁଲେ ॥ ଦେଖିଲେ ସେ ଶଙ୍ଖ ହସ୍ତ ସେବୁଛନ୍ତି ଶିବ । ଯେବଣ ଶଙ୍ଖନାଦରୁ ପ୍ରକାଶିଛି ଜୀବ ॥ ଯେଣୁ ଜୀବ ତତ୍ତ୍ୱ ଶିବ ଏକାତ୍ମା ଅଟଇ । ଅମ୍ଭ ଗୋଟି ସର୍ବଘଟେ ଅଛି ପୂର୍ଣ୍ଣ ହୋଇ ॥ ବୁଝିଲେକ ବ୍ରହ୍ମା ବିଷ୍ଣୁ ଈଶ୍ୱରହି ଏକ । ଏ ଯେଣ ଶର୍ଙ୍ଗଙ୍କୁ ଆଜ୍ଞା କଲେ ତ୍ର୍ୟମ୍ବକ ॥ ଶିବଙ୍କ ଭକ୍ତି ଦେଖିଣ ଭକ୍ତବତ୍ସଳ ସ୍ୱାମୀ । ଭୁରୁ ମଧ୍ୟରେ ତିଳକ ବିନ୍ଦୁ ଦେଲେ ନେଇ ॥ ନାସା ଅଗ୍ର ନାସାର୍ଦ୍ଧରେ ରହିଲା ତିଳକ । ଈଶ୍ୱରଙ୍କ ଅଙ୍ଗେ ଦେଲେ କମଳା-ନାୟକ ॥ ସ୍ଥାନକୁ ଚହ୍ନି ତିଳକ ବସାଇଲେ ନେଇ । ଏ ତିନି ସ୍ଥାନରୁ ଆଉ ଅଧିକ ସେ ନାହିଁ ॥ ଏ ତିନି ସ୍ଥାନରେ ଉଦେ ହୋଇଅଛି ଯାହା । ଜ୍ଞାନଙ୍କ ଗୋଚର ନୋହେ ଅଜ୍ଞାନଙ୍କ ତାହା ॥ ତାହା ନ ଚହ୍ନି ମରନ୍ତି ଲୋକେ ହୋଇ କର୍ମୀ । କରନ୍ତି ସେ ଧର୍ମ ନାଶ ବ୍ରହ୍ମଦ୍ୱେ

ଭୂମି । ଏମନ୍ତ ମନେ ପାର୍ଥ ସେ ମହାମନ୍ତ୍ର କଲେ । ତିନସ୍ଥାନର ତିଳକ ଚେକ ପ୍ରକାଶିଲେ । ରାମକୃଷ୍ଣ ହର ନାମ ଭଜ ଅହୋରାତ୍ର । ତେଣୁ ସେହି ନାମ ଜାଣ ଦେଲେ ମହାମନ୍ତ୍ର । ମନମଧ୍ୟେ ହେତୁ କର ବୁଝିଲେ ସଜ୍ଜନେ । ତେବେ ସେହି ମନ୍ତ୍ର ପଦ ଜାଣିବେ ସୁଜନେ । ହର ଅର୍ଥ ରାମକୃଷ୍ଣ ଅର୍ଥ ପ୍ରକାଶଇ । ହରିରେ ନିମନ୍ତି ତାହା ନାମକୁ କହଇ ॥ ରାମ ନାମ ଚାରି ପାର୍ଥ କୃଷ୍ଣ ନାମ ଚାରି । ହର ନାମ ଅଠ-ଗୋଟି ଭାବ ମନେ ଧର ॥ ଅଦ୍ୟେ ପ୍ରାନ୍ତେ ହରିହର ତେଜ ବହରନ୍ତେ । ତେଣୁ ହର ଅଠନାମ ବସେ ମହାମନ୍ତ୍ରେ । ଏ କ୍ରମରେ ଷୋଳନାମ ଷୋଡ଼ଶେ ଦ୍ୱାତ୍ରିଂଶ । ଶ୍ଲୋକ ପଦଭାଣ ଅର୍ଥ କଲେ ଜଗନ୍ନାଥ ॥ ହରେ ରାମ କୃଷ୍ଣ ଖଞ୍ଜି ମହାମନ୍ତ୍ର ଧର । ରୁଦ୍ର କଣ୍ଠେ କହି ହର ସମ୍ପଦା ଯେ କର । ଚାରି ଅଧ୍ୟାୟରୁ ଚାରି ସମ୍ପଦା ପ୍ରକାଶ । ଚାରିଦ୍ୱାର ଚାରି କ୍ଷେତ୍ର କହି ବ୍ରଜବାସୀ । ଏ ଚାରି ସମ୍ପଦା ଦ୍ୱାର ଜାଣ ଏକା ଭକ୍ତି । ସ୍ମରଣ ଭଜନ ଏକା ଏକା ଜାଣ ମୁକ୍ତି । ଏକ ଜ୍ଞାନ ଏକ ଲୟ ଏକ ମହାବ୍ରହ୍ମ । ୪ ଚାରି ସଂପ୍ରଦା ଜନ୍ମ ତ.ଥି ଏକ ଗର୍ଭ । ଏକମନ ଏକପ୍ରାଣ ଏକ ପୁଣି ଧନ । ଏକା ହୃଦୁଂ ଉତ୍ପନ୍ନ ବହନ୍ତି ଚାରି ନାମ । ଯାହାର ଯେତେ ମହିମା କହିବା ତା ଶୁଣ । ଏ ଚାରି ସମ୍ପ୍ରଦା ବଇଷ୍ଣବଙ୍କର ଗୁଣ ॥ ଏଥିକୁ ଉପମା ଦେଇ କହୁଅଛୁଁ ତୋତେ । ଏ ଚାରିଙ୍କ ଭକ୍ତି ଭିନ୍ନ ନୋହେ କଦାଚିତେ । ହରେ ରାମ କୃଷ୍ଣ ଯେଉଁ ନାମ ଦେଲେ କହି । ବିପ୍ରେ ଭଜନ୍ତି ଚଣ୍ଡାଳ ତାହା ନ ଭଜଇ । ଦ୍ୱାଦଶଗୁଣେ ବ୍ରାହ୍ମଣ ଥିଲେ ଯୁକ୍ତ ହୋଇ । ବିଷ୍ଣୁ ନ ଭଜିଲେ ତାଙ୍କ ଗତି ମୁକ୍ତି ନାହିଁ । ଯେବଣ ବ୍ରାହ୍ମଣ ଚାରିଜାତଙ୍କର ମାନ୍ୟ । ଉଦ୍ଧାର ନ ପାରେ ନିଜ ଆତ୍ମା ଭକ୍ତି ଭିନ୍ନ । ଚାଣ୍ଡାଳ ଯଦ୍ୟପି ଲୟ ରଖେ ବିଷ୍ଣୁ ପାଦେ । ସେହି ତରିଯାଏ ଏହି ସଂସାରର ମଧ୍ୟେ । ଏଣୁ କି ସବୁଦ ନିଷ୍ଠା ହବ ଏକା ଜାଣ । ଭକତକ ରହିଁ ପଢ଼ ଦଂଶ୍ରି ନାରାୟଣ ॥ ଯହାର ଯେପରି ଭକ୍ତି ଶ୍ରୀହରି ପଦରେ । ଫଳଶାମ ଫଳ ତାର ହୁଏ ସେ ପ୍ରକାରେ ।

ଦେଖି ଗୁମ୍ଫଦ୍ୱାରେ ଜଗନ୍ମୋହନକୁ ଗଲେ । ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ସକଳେ ॥ ଗୃହ ଦିଉଳ ନିର୍ମାଣ କରି ରଖିଦେବା । ଯେ ଯେଉଁ ଅଟକ୍ର ଯାଇଁ ଭୁଞ୍ଜିନ୍ତୁ ନା ଅବା ॥ ସକଳେ ଗୃହ ଭୋଜନ କରନ୍ତି ଯେପରି । ଏ ଗୁରୁ ସମ୍ପ୍ରଦା ଗୁଣ ଜାଣ ସେହିପରି ॥ କେ ଅଜନ ଭକ୍ତେ କେହୁ ଭଜଇ ଚରଣ । ନସ୍ୟକ କେ ଭକ୍ତେ କେହୁ ନାସିକା ଶ୍ରବଣ ବିସ୍ତରିଲେ ଚରଣକୁ ସମ କେହି ନୋହେ । ଯେଉଁ ପାଦ ନଖ କୋଣୁ ଗଙ୍ଗାବାରି ବହେ ॥ ଯେ ପାଦସ୍ପର୍ଶନ ମାତ୍ରେ ଅହଲ୍ୟା ତରନ୍ତି । ବଳୀରାଜା ଯେଉଁ ପାଦେ ଶରଣ ପଶିଲା । ଯେଉଁ ପାଦ ଯୋଗୁଁ ଶୁକ ସନକାଦି ଜ୍ଞାନୀ । ମୁଁ କିସ ଲେଖିବି ଜନ୍ମ ବନ୍ଧ ନର ଯୋନି ॥ ସହସ୍ରଫଣାକୁ ବହି କରି ସର୍ପରାଜ । କହିବାକୁ ଶକ୍ୟ ନାହିଁ ପାଇଲେକ ଲାଜ ॥ କେବଳ ଶ୍ରୀ ପ୍ରଭୁଙ୍କର ସେବାକୁ ମୁଁ ଦାସ । ଯାହା ଲେଖିଲି ସୁଜନେ ନ ଧରିବ ଦୋଷ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ଗୁରୁସମ୍ପ୍ରଦା ଜନ୍ମ କଥନଂ ନାମ ଚତୁଃଷଷ୍ଟିତମୋଽଧ୍ୟାୟଃ ।

ପଞ୍ଚଷଷ୍ଟିତମ ଅଧ୍ୟାୟ ।

ଶ୍ରୀକୃଷ୍ଣଙ୍କ ମୁଖରୁ ଏସନ ବାକ୍ୟ ଶୁଣି । ଭାବନ୍ତି ମନରେ ବୀରବର ଫାଲ୍‌ଗୁନି ॥ ବୋଲନ୍ତି ଅର୍ଜୁନ କହ ପ୍ରଭୁ ଭଗବାନ । କେଉଁ କେଉଁ ସମ୍ପ୍ରଦାରେ ଜନ୍ମ କେଉଁ ଜନ ॥ କେ ନାମ ଭଜନ କଲେ କହ ତାହା ମୋତେ । ଶ୍ରୀକୃଷ୍ଣଚନ୍ଦ୍ର କହନ୍ତି ଅର୍ଜୁନ ଅଗ୍ରତେ ॥ ବଶିଷ୍ଠ ମରୀଚି ମୁନି ଅଙ୍ଗିରା ଯେ ଦକ୍ଷ । ଲଲାଟେ ଚନ୍ଦା ଚଢ଼ାଇ ହୋଇଲେ ଏ ମୋକ୍ଷ । ଜାବାଳି କଶ୍ୟପ ମୁନି ବାମଦେବ ଯତି । କପିଳ କଣ୍ୱ ସନକ ଭୃଗୁ ପୁଲସ୍ତି ॥ କବି ଦେବ ଋଷ୍ୟଶୃଙ୍ଗ ଅଷ୍ଟାବକ୍ର ମୁନି । ମହା-ଋଷି ଯାଜ୍ଞବଲ୍କ୍ୟ ଆବର ଜୈମିନି ॥ ଏମାନେ ଶ୍ରୀବଇଷ୍ଣବ ସମ୍ପ୍ରଦାରେ ରହି । ଶ୍ରୀଧାମର ମନ୍ତ୍ର ଭେଦି ଦୀକ୍ଷା କଲେ ଦେଖି ॥ ନାମ ମହାମନ୍ତ୍ର ଜପି ଅମୃତକୁ ତାରିଲେ । ଆପଣା ଆପଣା ଶିଷ୍ୟକର୍ଣ୍ଣେ ମନ୍ତ୍ର ଦେଲେ ॥ ଏବେ ହେ କହିବା ବ୍ରହ୍ମ ସମ୍ପ୍ରଦାର ଶିଷ୍ୟ । ଅସୁଦ ନାରଦ ପଞ୍ଚ-ଶିଖ ବେଦବ୍ୟାସ ॥ ଅଗସ୍ତି ଗୌତମ ମୁନି କଭୁ ପରାଶର । ରୋମାଞ୍ଚ

ଅନେକ ମୁନି ତପୋଧନ ଅବର ॥ ସ୍ତୁତି ଋଷି କୃପାଜଳ ବଇଷ୍ଣବାଗ୍ରଣୀ । ଯାହା ଅଗ୍ରରୁ ତିଳକ ଘେନିଲେ ବନ୍ଦନ ॥ ସମସ୍ତେତ ମହାଜ୍ଞାନୀ ଏକୁ ଏକ ବଳୀ । ଶ୍ରୀ ପରମହଂସ ଯାହା ଭଜନ ସବୁତ ॥ ସମାନ କରି ମଣନ୍ତି ସକଳ ଆତ୍ମାକୁ । ପ୍ରଧାନ କରି ମାନନ୍ତି ନାମ ଭଜନକୁ ॥ ନିଶିଦିବା ଜପୁଥାନ୍ତି ନାମକୁ କେବଳ । ହୃଦେ ବସି ଥାନ୍ତି କରି ଆସନ ନିଶ୍ଚଳ ॥ ବ୍ରହ୍ମଜ୍ଞାନରେ ନିପୁଣ ଯୋଗେ ମହାଜ୍ଞାତା । ସମଦରଶୀ ପଣ୍ଡିତ ଆତ୍ମତତ୍ତ୍ୱ ଜ୍ଞାତା ॥ ସକଳ ଦେହରେ ନାରାୟଣଙ୍କୁ ଚହନ୍ତି । ପ୍ରାଣୀଙ୍କି ମୋକ୍ଷ କାରଣ ଜ୍ଞାନ ପଢ଼ାଉନ୍ତି ॥ ନିରୋଧି ରଖି ପାରନ୍ତି ଦଶ ଗୋଟି ଦ୍ୱାର । ମନ ସଂଯମ କରଣ ଟେକନ୍ତି ଓଁକାର ॥ ମୂର୍ଚ୍ଛନା ଉପରେ ପ୍ରାଣ ନଗର ସଦୃଶେ । ଏକଲୟ କରି ବ୍ରହ୍ମ ଚାହାନ୍ତି ହୃଦରେ ॥ ବ୍ରହ୍ମ ପୁରୁଷର ନାମ କରନ୍ତି ଭଜନ । ଏହି ଜପ ଗୋଟି ପାର୍ଥ ଅଟେ ବ୍ରହ୍ମ-ଜ୍ଞାନ ॥ ଏ ଜପକୁ ତ୍ୟାଗ କଲେ ଦେବ ହେଲେ ମରି । ଏହି ଜପକୁ ହୃଦରେ ଥିବୁ ପାର୍ଥ ଧରି ॥ ଏ ଜପ କୃଷ୍ଣେ ବସିଲେ ସନକାଦି ଋଷି । ଏବେ ସନକ ସମ୍ପ୍ରଦା ଶୁଣ ହୋ ବଇସ୍ରି । ଦୁର୍ବାସା କୌଣ୍ଡିନ୍ୟ ଲୋମଶ ଗାର୍ଗ୍ୟେ ବ୍ରହ୍ମାଣ୍ଡକ । ସନାତନ ଭରଦ୍ୱାଜ କୋକିଳ ସନକ ॥ ବେଦଗର୍ଭ କାଳଞ୍ଜନ ଉଶନା ଗାଲବ ॥ ଉଦ୍ଦାଳକ ଭରଦ୍ୱାଜ ଯେ ମୁନିପୁଙ୍ଗବ ॥ କୃଷ୍ଣାତ୍ମକ ଜ୍ଞାନାତ୍ମକ ସବୁ ପୌରାଣିକ । ଏହାଙ୍କର ଜାଣ ହରି ମନ୍ଦର ତିଳକ ॥ କୃଷ୍ଣଗତି ନନ୍ଦକର୍ଣ୍ଣୀ ସତ୍ୟାନନ୍ଦ ମୁନି । ସନକ ସମ୍ପ୍ରଦା ଏହି ଜାଣ ଫାଲଗୁନି ॥ ନାସାଗ୍ରେ ହିମେଧ୍ୱର ତିଳକ କାଟିଲେ । ମହା ବୈଷ୍ଣବ ବୋଲାଇ ଧ୍ୟାନରେ ବସିଲେ ॥ ଜୀବପରମଙ୍କୁ ଧ୍ୟାନ କଲେ ଏ ସକଳେ । ପରମହଂସଙ୍କୁ ଚିହ୍ନି ଯୋଗ ଲୁବ୍ଧ କଲେ ॥ ଷଡ଼ଚକ୍ର ଭେଦ ଯେଉଁ ଶବ୍ଦ ଧ୍ୱନି କରେ । ପଞ୍ଚାଶ ପାଞ୍ଚୁଡ଼ା ପଦ୍ମ ଶରୀରେ ହିତୁରେ । ସେ ଶବଦ ଗୋଟି ଶୁଭେ ଦ୍ୱାଦଶ ପ୍ରକାର । ଏ ଋଷିମାନଙ୍କୁ ଏକା ସେ କଥା ଗୋଚର ॥ ଝିଣି ଚିଣି ଝିଣି ଝିଣି ଶଙ୍ଖ ହେଷା ନାଦ । ତାଳ କଂସାଳ ମୃଦଙ୍ଗ ବଂଶୀର ନାଦ ॥ ଘଣ୍ଟି ଘଣ୍ଟା ଘାଗୁଡ଼ି ଯେ ଘଣାହୁଲିବେ । ଏ ବାର ନାଦ ବାଜଣ ଗୋଳହାଟେ ଶୁଭେ ॥

ସେ ଷଡ଼ଦଳୁ ଜାଣିଣ ବସନ୍ତି ଏ ମୁନି । ସମସ୍ତଙ୍କ ଦେହେ ଶୁଭେ ନ ପାରନ୍ତି ଛାଡ଼ି ॥ ତଥାପି ସେ ଶୋଳହାଠ ଜାଣି କେ ନ ପାରେ । ତେଣୁ ଏହୁ ଶବଦଗୋଟି ନୁହଇ ଗୋଚରେ ॥ ଚହ୍ନିଣ ସେହଲେ ଏକା ସନକସମ୍ପ୍ରଦା । ଏ ଧର୍ମ ଅଣ୍ଡାରେ ପାର୍ଥ ହଣେ ଜ୍ଞାନପଦା ॥ ରୁଦ୍ର ସମ୍ପ୍ରଦା କହିବା ଶୁଣ ଏକଚିତ୍ତେ । ବାଲ୍ମୀକ ଦଧିଚ କୃଷ୍ଣାଦ୍ୱୈପ୍ୟ ଏ ସମସ୍ତେ ॥ କଲ୍ପଋଷି ଯଜ୍ଞମୁନି ହଦ୍ୱୈଗବା ମୁନି । ମୃକଣ୍ଡ ମାର୍କଣ୍ଡ ଋଷି ମନ୍ଦର ଏ ଛନି ॥ ଦେବଋଷି ରାଜଋଷି ବ୍ରହ୍ମଋଷିମାନେ । ସୁହଂସୀ ପରମହଂସୀ ହଂସୀ ଶୁଦ୍ଧଜନେ ॥ ଇନ୍ଦ୍ର ଚନ୍ଦ୍ର ନଇର୍ଭ ମରୁତ ଭାସ୍କର । ବରୁଣ ଯେ ବୃହସ୍ପତି ଯମ ବୈଶ୍ୱାନର ॥ ବସୁମତୀ ବାସୁକି ଯେ ଯୋଗ ଭ୍ରହ୍ମ ଛନ୍ତି । କରଣ ବାର ଯେ ରୁଦ୍ର ସମ୍ପ୍ରଦା ବୋଲନ୍ତି ॥ ଭୃରୁ ମଧରେ ଯେନଲେ ବନ୍ଦୁ ଏ ଝଳକ । ଏମନ୍ତ ଗୁର ସମ୍ପ୍ରଦା ସମ୍ବାଦ ଗୋଲୋକ ॥ ବ୍ରହ୍ମାଙ୍କ ଗୋଚରେ ତାହା ସମର୍ପଣ କଲ । କଳି ଯୁଗ ପାଇଁ ରଖ ବୋଇଲେ ଶ୍ରୀହରି ॥ ମୋକ୍ଷହୋଇବେ ପ୍ରାଣୀମାନେ ଯେନଲେ ଏ ମନ୍ତ୍ର । ହରେ ରାମ କୃଷ୍ଣ ଗୁରୁ ସମ୍ପ୍ରଦାର ତନ୍ତ୍ର ॥ ମୋକ୍ଷ ଲଭିବେ ଏ ଗୀତା ପଠନ ଶ୍ରବଣେ । ଧ୍ୟାୟି ପାଦପଦ୍ମ ଯାନକୃଷ୍ଣ ଦାସ ଭଣେ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜ୍ଜୁନସଂବାଦେ ସମ୍ପ୍ରଦା
ବିଭାଗ କଥନଂ ନାମ ପଞ୍ଚଷଷ୍ଟିତମୋଽଧ୍ୟାୟଃ ।

—※○※—

ଷଷ୍ଠଷଷ୍ଟିତମ ଅଧ୍ୟାୟ ।

ଅର୍ଜ୍ଜୁନ ଉବାଚ ।

ଅର୍ଜ୍ଜୁନ ବୋଲଇ ପ୍ରଭୁ ଶୁଣ ବାସୁଦେବ । ହରେ ରାମ କୃଷ୍ଣ କେତେ କି ଜାଣିବେ ମାନବ ॥ ଶ୍ରୀହରି ବୋଇଲେ ତାହା କହୁଅଛୁ ତୋତେ । ନାରାୟଣ କହିଥିଲେ ବ୍ରହ୍ମାଙ୍କୁ ଯେମନ୍ତେ ॥ ଦଶ ଗାଢ ନୃସିଂହରେ ପ୍ରବର୍ତ୍ତିଲ ଜାଣ । ଅମ୍ଭେ ନୃସିଂହ ରୂପରେ ହୋଇବୁ

ଜନମ ॥ ସତ୍ୟଯୁଗେ ଜନ୍ମ ହେବୁ କଳେବର ବନ୍ଧ । ବଦରିକାଶ୍ରମେ
ଯାହିଁ ନିଜଧାମେ ରହ ॥ ଅବତାର ହେବୁଁ ଅମ୍ଭେ ସ୍ୱୟଂ ପରଂ-
ବ୍ରହ୍ମ । କୃଷ୍ଣବତ୍ସଳ ହୋଇବ ଅମ୍ଭ ପିତା ନାମ ॥ ଅମ୍ଭ ମାତାଙ୍କର ନାମ
ହେବ ଭଗବତୀ । ତାଙ୍କ ଗର୍ଭେ ଜନ୍ମ ହେବୁଁ ଅମ୍ଭେ ବେଦମୂର୍ତ୍ତି ॥ ଶ୍ରୀ
ନୃସିଂହ ଶେଷ ନାମେ ବେଦମୂର୍ତ୍ତି ହେବୁଁ । ଏ ଅବତାରରେ ମୁର-
ଦୈତ୍ୟ ବିନାଶିବୁଁ ॥ ବୈକୁଣ୍ଠରେ ଦ୍ୱାରୀ ଜୟ ବିଜୟ ଯେ ଦୁଇ ।
ପ୍ରଥମ ଜନ୍ମରେ ମୁରାସୁର ସେ ଯେ ହୋଇ ॥ ମୁରକୁ ମାରି ମୁରାରି
ଅମ୍ଭେ ବୋଲାଇବୁଁ । ଦାରୁଣ ଦୈତ୍ୟକୁ ଶେଷ ହାତେ ମରାଇବୁଁ ॥
ପୁନଶ୍ଚ ଅସିବୁଁ ଅମ୍ଭେ ଏ ନିତ୍ୟବୈକୁଣ୍ଠ । ସେ ବେନି ଦଇତ୍ୟଗଣ ମଧ୍ୟେ
ହେବେ ଶ୍ରେଷ୍ଠ ॥ ହିରଣ୍ୟକଶିପୁ ହିରଣ୍ୟାକ୍ଷ ବେନି ନାମ ।
ପ୍ରତାପଶାଳୀ ହୋଇବେ ସେହି ବେନିଜନ ॥ ଅମ୍ଭେ ବେନି ଅବତାର
ସେକାଳେ ହୋଇଣ । ପୃଥିବୀରେ ପ୍ରକାଶିବୁଁ ବରାହ ରୂପେଣ ॥
ହିରଣ୍ୟକଶିପୁ କୋଳେ ପ୍ରହ୍ଲାଦ ଜନମ । ହୋଇଲା ମାତ୍ରେ କରିବ
ମୋ ନାମ ସ୍ମରଣ ॥ ନାମ ଶୁଣି କୋପକରି ଉଠିବ ହିରଣ୍ୟ । ବୋଲିବ
କାହିଁ ତୋ ହରି କହ ରେ ନନ୍ଦନ ॥ ଶୁଣି ହସ୍ତେ ବାଳଶିଶୁ ବୋଲିବ
ଦୈତ୍ୟକୁ । ସବୁଠାରେ ଅଛନ୍ତି କେହି ନ ଦେଖେ ତାହାଙ୍କୁ ॥ ତୁମ୍ଭଦେହେ
ଅମ୍ଭ ଦେହେଁ ଅଛନ୍ତି ସେ ହରି । ସର୍ବଘଟେ ରହିଣ ଅଛନ୍ତି ସେହିପରି ॥
ଦେଖିବାକୁ ଇଚ୍ଛା ଯେବେ ଅଛଇ ହେ ତାତ । ଏହି ସ୍ତମ୍ଭେ ମୋର
ପ୍ରଭୁ ଅଛନ୍ତି ନିଶ୍ଚିତ ॥ ପୁତ୍ରମୁଖୁ ଶୁଣି ଦୈତ୍ୟ ଉଠିଣ ସତ୍ୱରେ । ପାଦ
ପ୍ରହାର କରିବ କ୍ରୋଧେ ସେ ସ୍ତମ୍ଭରେ ॥ ନୃସିଂହରୂପେଣ ଅମ୍ଭେ ସେ
ସ୍ତମ୍ଭୁ ବାହାରି । ପକାଇବୁଁ ନଖେ ଦୈତ୍ୟବକ୍ଷକୁ ବିଦାରି ॥ ଅମ୍ଭ
ହାତେ ହତ ହୋଇ ବୈକୁଣ୍ଠକୁ ଯିବ । ରହି ତହିଁ ହରିମନ୍ତ୍ରେ ବ୍ରହ୍ମ
ଦେଖୁଥିବ ॥ ସତ୍ୟ ଯୁଗ ଅନ୍ତେ ପୁଣି ତ୍ରେତା ଯୁଗେ ଦୈତ୍ୟ । ରାବଣ
କୁମ୍ଭକର୍ଣ୍ଣ ନାମେ ହୋଇବେ ଜାତ ॥ ରାମଅବତାର ହୋଇ ମର୍ତ୍ତ୍ୟେ
ପ୍ରକାଶିବୁଁ । ଜନକ କନ୍ୟାକୁ ଅମ୍ଭେ ବିବାହ କରିବୁଁ ॥ ଏହାଙ୍କୁ

ହେରାଇ ନେବ ସେ ଦୁଷ୍ଟ ରାବଣ । ସେ ଯୋଗୁ ଲଙ୍କାକୁ ଆମ୍ଭେ କରିବୁଁ ଗମନ ॥ ଘୋର ଯୁଦ୍ଧେ ବିନାଶିବୁ ବେନି ଦଇତଙ୍କୁ । ରାମ ମନ୍ତ୍ରରେ ଦେଖିବ ସେହି ସେ ବ୍ରହ୍ମଙ୍କୁ ॥ ହରରେ ମିଶିଣ ରାମ ରହିବ ଧରଣୀ । ସେ ପୁଣି ହୋଇବେ ଶାଲ୍ୱ ଶିଶୁପାଳ ବେନି ॥ ଆମ୍ଭେ କୃଷ୍ଣରୂପ ଧରି ଚକ୍ରରେ ଛେଦିବୁଁ । ଅସୁର ଜନ୍ମରୁ ତାଙ୍କୁ ମୁକତ କରିବୁଁ ॥ ତେବେ ହରେ ରାମରେ ଯେ କୃଷ୍ଣ ମିଶିଯିବ । ମହାମନ୍ତ୍ର ହୋଇ ସବୁ କାଳେ ରହିଥିବ ॥ ହରେ ରାମ କୃଷ୍ଣ ମହାମନ୍ତ୍ର ପୃଥ୍ବୀଯାକେ । ଘେନିବେ ଗୁରୁ କରଣ ସଂସାରର ଲୋକେ ॥ ନ ଜାଣନ୍ତି ମୋର ନାମ ଅନ୍ତ ପଶୁପତି । ତୁମ୍ଭେ ଜନ୍ମ ନୋହୁଣୁ ହେଲଣି ମନ୍ତ୍ର ମୂର୍ତ୍ତି ॥ ବିଧାତା କାହିଁ ପାଇବ ମୋ ନାମର ଅନ୍ତ । ଅନନ୍ତ ମହିମା ଯାର ଅଗୋଚର ଅବ୍ୟକ୍ତ ॥ ସାଧୁଙ୍କ ହିତେ ବୈକୁଣ୍ଠୁ ଆସେ ଅବତରି । ଦୁଷ୍ଟ ଜନମାନ ନାଶିଣ ଧର୍ମରକ୍ଷା କରି ॥ ଯୁଗେ ଯୁଗେ ଜପୁଛ ମୁଁ ବୈକୁଣ୍ଠକୁ ଯାଏ । ମନ ଦେଇ ଶୁଣ ପାଣ୍ଡୁରାଜାର ତନୟେ ॥ ସତ୍ୟ ତ୍ରେତା ଦ୍ୱାପରର ଅନ୍ତେ କଳି ହେବ । ହରେ ରାମ କୃଷ୍ଣ ମହାମନ୍ତ୍ର ଉପୁଜିବ ॥ ଗୁରୁ କରି ମନ୍ତ୍ର ଘେନ ଏହି ସର୍ବୋତ୍କୃଷ୍ଟ । ହରେ ରାମ କୃଷ୍ଣ ଜପ ହରେ ରାମ କୃଷ୍ଣ ॥ ବିନା ଗୁରୁରେ ଏ ମନ୍ତ୍ର କରିଲେ ଗ୍ରହଣ । ଜାଣିଥିବ ପ୍ରାଣୀମାନେ ହେବେ ଅକାରଣ ॥ ଶୁଣିକରି ଅରଜୁନ ହୋଇଲେ ସନ୍ତୋଷ । ଲେଖିଲା ରଙ୍ଗାପୁରର ଚନ୍ଦ୍ର ତାଙ୍କ ଦାସ ।

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ମହାମନ୍ତ୍ର
ସ୍ୱରୂପବର୍ଣ୍ଣନଂ ନାମ ଷଷ୍ଠଷଷ୍ଟିତମୋଽଧ୍ୟାୟଃ ।

ସପ୍ତଷଷ୍ଟିତମ ଅଧ୍ୟାୟ ।

ଅର୍ଜୁନ ଉବାଚ ।

ଅର୍ଜୁନ ବୋଇଲେ ଅହେ ରମା ପ୍ରାଣକାନ୍ତ । କଳିଯୁଗେ ହେବେ ଲୋକ ଯେତେକ ମୂଢ ॥ କିଏ କେଉଁ ମନ୍ତ୍ର ନେବେ ତାହା

ମତେ କହ । ଗୁରୁ ସମ୍ପ୍ରଦା ବିଭାଗ କହ ଦୟାମୟ ॥ କେବେ ସେ କେଉଁ ଧର୍ମକୁ ଭଜନ୍ତି ପୁଣି । କେଉଁ ଦ୍ୱାର କେଉଁ ଧାମ କହ ଚକ୍ରପାଣି ॥ ଶ୍ରୀହରି ବୋଇଲେ ଶୁଣ ବୀର ଅରଜୁନ । ଯେମନ୍ତେ ହରି କହିଲେ ବ୍ରହ୍ମାଙ୍କ ଅଗ୍ରେଣ ॥ ଯେ ଜନ ହୋଇବ ଯେଉଁ ସମ୍ପ୍ରଦାର ଗୁରୁ । ତାହାଙ୍କର ନାମ ଗୁଣ ଶୁଣ ମୋ ମୁଖରୁ ॥ ଆଦ୍ୟ ମଧ୍ୟ ପ୍ରାନ୍ତ ମୋତେ ସଦା କାଳେ ସତ । ତୁମ୍ଭେ ବିନା ଜନ୍ମ ହୋଇ ଯାଉ ଆଥ ମତ ॥ ନବ ଚୈତନ୍ୟ ସ୍ୱରୂପ ପ୍ରକାଶ ଯେ ରୂପ । ଏ ଗୁରୁ ଧର୍ମର ପାର୍ଥ ଜାଣ ସେହି ବାପ ॥ ଏହି ଗୁରୁ ରୂପ ଗୁଣ ଶୂନ୍ୟ ଅବୋଲଲେ । ଶ୍ରୀ ଧାମ ଗୁରୁକ୍ଷେତ୍ର ଗୁରୁଦ୍ୱାର ହେଲେ । ଏ ଚାରି ସ୍ୱାମୀର ଗୁରୁ-ଦେବନ୍ତି ପ୍ରମାଣ । ଅର୍ଜୁନ ଶୁଣନ୍ତୁ କହୁଛନ୍ତି ନାରାୟଣ । ଯେଉଁ ସମ୍ପ୍ରଦାର ଗୁରୁ ଯେଉଁ ସ୍ୱାମୀ ହେବେ । ତାଙ୍କ ନାମମାନ କହିଦେବା ଶୁଣ ଏବେ ॥ ରାମାନନ୍ଦ ହେବେ ଜାଣ ଶ୍ରୀସମ୍ପ୍ରଦା ଗୁରୁ । ଶ୍ରୀ ମାଧ-ବାନନ୍ଦ ବ୍ରହ୍ମ ସମ୍ପ୍ରଦାର ଗୁରୁ ॥ ସନକ ସମ୍ପ୍ରଦାର ଗୁରୁ ନିତ୍ୟାନନ୍ଦ । ରୁଦ୍ର ସମ୍ପ୍ରଦାର ଗୁରୁ ହେବେ ଶ୍ୟାମାନନ୍ଦ ॥ ଏ ଗୁରୁ ପଣ୍ଡିତେ ଗୁରୁ ସମ୍ପ୍ରଦାୟିକାରୀ । ପ୍ରାଣୀଙ୍କି ମୋକ୍ଷ କରିବେ ମର୍ତ୍ତ୍ୟେ ଅବତରି ॥ ନାମବ୍ରହ୍ମ ମହାମନ୍ତ୍ର କର୍ଣ୍ଣରେ କହିବେ । ବୈକୁଣ୍ଠର ଗୁରୁଦ୍ୱାରେ ଅବୋଧ ରହିବେ ॥ ମାଧବାନନ୍ଦଙ୍କର ଅଟଇ ପ୍ରାଚୀଦ୍ୱାର । ପ୍ରତୀଚୀ ଦ୍ୱାର ଅଟଇ ରାମା-ନନ୍ଦଙ୍କର । ନିତ୍ୟାନନ୍ଦଙ୍କର ଦ୍ୱାର ଅଟଇ ଉତ୍ତର । ଶ୍ୟାମାନନ୍ଦଙ୍କର ଅଟେ ଦକ୍ଷିଣ ଦୁଆର ॥ ଏ ଗୁରୁ ପଣ୍ଡିତେ ଗୁରୁ ଦ୍ୱାରକୁ ଧାରଣା । ତୁମ୍ଭ ଆଗରେ କହିଲି ଦ୍ୱାରର ଠିକଣା ॥ ଏହି ଗୁରୁ ପଣ୍ଡିତଙ୍କ ହୃଦେ ନାହିଁ ଛନ୍ଦ । ନ ଜାଣି ପାପିଷ୍ଠ ଜନେ ଲଗାନ୍ତି ଯେ ଦ୍ୱନ୍ଦ ॥ ଶ୍ରୀ ବଇକୁଣ୍ଠର ମେର ଗୁରୁଦ୍ୱାର ଚାରି । ଯେ ଯେଉଁ ଦ୍ୱାରେ ସେବିଲେ ଏକଭୂତ ହରି ॥ ଏ ଦ୍ୱାରତ ଏକା ପରଦ୍ୱାର ବିନା ଭିନ୍ନ । ଏ କଥା ମନେ ପାଉନ୍ତି ସୁପଣ୍ଡିତ ଜନ । ଶ୍ରୀରାମାନନ୍ଦଗୁରୁଙ୍କ ପନ୍ଥା ଶୁଣ ଏବେ । ଯାହାର ଲୋକଙ୍କ ହିତେ ପଚାରିଲ ଯେବେ । ତ୍ରୈଲୋକ୍ୟର ମହା-

ବ୍ରହ୍ମ ଯେତେ ନାରାୟଣ । ଯାବନ୍ତ ଶବଦ ଅଛି ତହିଁରେ ସେ ପୂର୍ଣ୍ଣ ॥
ସେହି ଶବଦ ସକଳ ଘଟେ ହୋଇ ଧ୍ୱନି । ସେହି ଧ୍ୱନିଟି ଓଁକାର
ବୋଲେ ବ୍ରହ୍ମଜ୍ଞାନୀ ॥ ଜ୍ଞାନଭିନ୍ନ ଆନ ଚିହ୍ନି ନ ପାରେ କେ ପିଣ୍ଡେ ।
ବ୍ରହ୍ମପୁରୁଷ ଯେ ଏକା ପୂରିଛି ବ୍ରହ୍ମାଣ୍ଡେ ॥ ଝେଙ୍କିଲେ ଅଛିଟେତ୍ ଯେତେକ
ଢୋଲ ଧାଉ ବଜେ । ଶୁଭଇ ନାନାଦି ବାଦ୍ୟ ଯେତେକ ଏକା ପ୍ରାଣେ ।
ସେହିରୂପେ ବ୍ରହ୍ମ ଅଛି ଅଛିଦ୍ରରେ ପୂରି । ନ ମଜି ସକଳ ଘଟେ ଧ୍ୱନିକି
ଅବୋଧ ॥ ସର୍ବତ୍ର ପୂରଣ ବ୍ରହ୍ମ ଶବ୍ଦେ ପୂର୍ଣ୍ଣ ହେଲା । ଧାତୁ ପାଷାଣ
ଆବର ତରୁ ଗୁଳ୍ମ ଶିଳା ॥ ଗୁଣାଦି ଯନ୍ତ୍ରକୁ ଘେନ ଯେତେ ଦ୍ରବ୍ୟ
ଭେଦ । ସବୁ ସ୍ଥାନରେ ବଜାନ୍ତି ବସି ହୋଇ ନାଦ ॥ ସେହି ନାଦରୁ
ସୁବେଦ ହୋଇଲା ବାହାର । ତହିଁରୁ ଜନମ ହେଲା ବେନି ଯେ
ଅକ୍ଷର ॥ ସେହି ବେନି ଅକ୍ଷରକୁ କୌଞ୍ଚ ନାମେ ଖଗ । ଭଜିଲା ରାମ
ଦିବସ ହୋଇ ଉଦବେଗ ॥ ପଞ୍ଚାରେ ନ ପଞ୍ଚାନ୍ତେ ସେ ହେଲା
ରାମବାଣୀ । ଭଜିଲା ଭୁଷଣ୍ଡି କାକ ତା ମହିମା ଜାଣି ॥ ଆଦ୍ୟ ଅକ୍ଷର
ଗୋଟିକ ନିଶ୍ଚଳରେ ଜପି । ପ୍ରାନ୍ତ ଅକ୍ଷରକୁ ସେହି ନ ମାନେ କଦାପି ॥
ବୋଲେ ରାତ ପାହିଗଲେ ଜପିବ ମୁଁ କିସ । ମ—ଅକ୍ଷରକୁ
ଭଜିଲେ ଜୀବହେବ ଶେଷ ॥ ମ—ଅକ୍ଷରକୁ ଭଜିଲେ ଜୟ ହେବ ମୋର ।
ଏମନ୍ତ ପାଖ ହୋଇଲା ରା—ଅକ୍ଷରେ ସ୍ଥିର ॥ ଶରୀରରେ ରଖି ଷଡ଼-
ଚକ୍ର ଭେଦ ନେଲା । ଜୀବନ ଛନ୍ଦ ଦୁଆରେ ନେଇ ଉଦେ କଲା ॥
ଭୟଙ୍କର ହୋଇଲା ସେ ପୁଣି ବ୍ରହ୍ମରନ୍ଧ୍ରେ । ରହେ ହୋଇବାରୁ ରନ୍ଧ୍ର-
ଗଲା ପାବଛନ୍ଦେ ॥ ଚୌରାଅଶୀ ମନ୍ ବନ୍ଦିଗଲାଣି ଖା . ଖେଡ଼ । ଭୁମ୍
ଆଗରେ କହିଲି ଅର୍ଜୁନ ଏ ଗୂଢ଼ ॥ ଏହିରୂପେ କେତେଯୁଗ ପ୍ରଳୟ
ହୋଇବ । ସର୍ବେ ମରିବେ ଭୁଷଣ୍ଡି କାକ ନ ମରିବ ॥ ଏ କାରଣ
ଭୁଷଣ୍ଡି ଯେ ନୁହେଁ କେତେ ଯାକ । ଭୁଷଣ୍ଡି ଶରୀର ଯାକ ସବୁ ବ୍ରହ୍ମ-
ଜ୍ଞାନ ॥ ରାମ ଅମର ଭୁଷଣ୍ଡି ମରିବ କାହିଁକି । ଭୁଷଣ୍ଡି ମଲେ ରଖିକୁ
ନ ପାରେ କେ ହୋଇ ॥ ଏଣୁକରି ରା—ଅକ୍ଷର ଭୁଷଣ୍ଡିର ଦେହ ।

ରାମ ନ ମରଇ କେବେ ସେହି ନ ମରଇ । ଭୁଷଣ୍ଡ ହେଉ ଜନ୍ମିବ ରାମ ନାମ ବାଣୀ । ଜନମ ହୋଇ ବୁଲିବ ଅଶେଷ ଧରଣୀ ॥ ଧରଣୀରେ ବୁଲିବାରୁ ସକଳେ ଜାଣିବେ । ଭୁଷଣ୍ଡଙ୍କୁ ଗୁରୁ କରି ଉପଦେଶ ନେବେ ॥ ଉପଦେଶ ପାଇ ତହୁଁ ଚଳିବେ ଆମ୍ଭଙ୍କୁ । ଗୋରେଖ ଆମ୍ଭଙ୍କୁ ଚିହ୍ନି ଭଜିବେ ମନ୍ତ୍ରକୁ ॥ ମନ୍ତ୍ର ଭଜ ବୋଲାଇବେ ସେହି ମହାଯତି । ରାମର ମହିମା ଗୋଷ୍ଠ ଏକା ସେ ଜାଣନ୍ତି ॥ ସେ ଗୋରେଖ ଶିଷ୍ୟ ହୋଇ କହିବା ଅର୍ଜୁନ । ଅଜ୍ଞାତ ନାମରେ ସାଧୁ ଥିଲେ ଏକଜନ ॥ ତାହାଙ୍କ କରଣୀ କାହୁଁଥିବ ଏହି ମହୀ । ରୋଗୀ କାନ୍ଧ କରି ଯେବେ ରୋଗ ଦେବ କହି ॥ ନାହିଁ ବୋଇଲେ ତା ଦେହେ ନ ରହିବ କ୍ଳେଶ । ସେ ପିକ୍ର ସାଧୁ ହୋଇବ ଗୋରେଖଙ୍କ ଶିଷ୍ୟ ॥ ଗୋବନ୍ଦଚନ୍ଦ୍ରର ମାତା ନାମ ମୁକ୍ତାଦେଈ । ମହାଯୋଗୀ ଗୋରେଖଙ୍କ ଶିଷ୍ୟ ହେବ ସେହି ॥ ଅଷ୍ଟାଦଶ ବର୍ଷ ଏକ ବଳାକୁ ସେ ନାରୀ । ରାଜ୍ୟରେ ରାଜା ନ କରି ହେବ ଯୋଗୀ କରି ॥ ଅଜ୍ଞାର ସାଧୁର ଶିଷ୍ୟ ହୋଇବ ଗୋଦର । ସେ ଯଦି ରହିବେ ବୃନ୍ଦାବନର ମଧ୍ୟର ॥ ସେହି ସେଠାବରେ ଶିଷ୍ୟ କରିବେ ଭାରତି । ସେ ଭାରତି ବୋଲାଇବେ ପୁଣି ମହାଯତି ॥ ତାହାଙ୍କର ଶିଷ୍ୟ ଶିକ୍ଷା ଆଚାର୍ଯ୍ୟ ହୋଇବେ । ଶ୍ରୀସମ୍ପ୍ରଦାରେ ସେ ମନ୍ତ୍ର ଆଉ ନ କହିବେ ॥ ରଖିବେ ଗୋପ୍ୟ କଉଣ ମହିମାକୁ ଠେକି । ରାମ ନାମ ଧରଣୀର ରହିଥିବ ଛାକି ॥ ରାମାନନ୍ଦ ଅବତାର ହେବେ ଏହି କାଳେ । ରାମନାମ ମହାମନ୍ତ୍ର ଜପିବେ ନିଷ୍ଠଳେ ॥ ଶ୍ରୀ ସ୍ୱାବୃନ୍ଦ ସଂପ୍ରଦା କରିବେ ପ୍ରକାଶ । ପ୍ରାଣୀମାନଙ୍କ କର୍ଣ୍ଣରେ ଦେବେ ଉପଦେଶ ॥ ଏ ମହୀରେ ରାମାନନ୍ଦ ଧର୍ମ ଯିବେ ଥୋଇ । ତୁଳସୀଦାସଙ୍କୁ ବଇଷ୍ଣବ ବାନା ଦେଇ ॥ ଶିଷ୍ୟ କରି ମହାମନ୍ତ୍ର ତାଙ୍କ କର୍ଣ୍ଣେ ଦେବେ । ରାମାୟଣ ସେ ତୁଳସୀ ଦାସ ଯେ ଲେଖିବେ ॥ ସେ ତୁଳସୀ ରାମାୟଣ ଶୁଣିବ ଯେ ନର । ଭବ ବନ୍ଧନରୁ ମୁକ୍ତି ହୋଇବ ତାହାର ॥ ତୁଳସୀ ଦାସ କରଣୀ ଶୁଣ ହେ,

ଅର୍ଜୁନ । ରାମ ପ୍ରତିମାକୁ ନିତ୍ୟ କରନ୍ତି ପୂଜନ ॥ ନମସ୍କାର ନ କରନ୍ତି ଆନ ଦେବତାଙ୍କୁ । ଏକଦିନେ ଯାଉଥିଲେ ସେ ବୃନ୍ଦାବନକୁ ॥ ନବଜଳଧର ମୂର୍ତ୍ତି ଯେ କୃଷ୍ଣ ପ୍ରତିମା । ହରବ୍ରହ୍ମା ନ ଜାଣନ୍ତି ଯାହାଙ୍କ ମହିମା ॥ ସେ କୃଷ୍ଣମୂର୍ତ୍ତି ଦର୍ଶନ କଲେ ବୃନ୍ଦାବନେ । ତୁଳସୀକି ଦେଖି ପ୍ରଭୁ ବିଚାରନ୍ତି ମନେ । ନମସ୍କାର ନ କରିବ ଏ ତୁଳସୀ ଦାସ । କେବେ ଦେଖି ନ କରିବେ ମୋଠାରେ ବିଶ୍ୱାସ ॥ ଯେବେ ନ ଧରିବ ଏଥେ ଶ୍ରୀରାମ ମୂରତି । ଏ ମହାଭକତ ଯିବ କରି ଦୁଃଖ ମତି ॥ ଏମନ୍ତ ବିଚାରି ପ୍ରଭୁ ଯେ ଦେବ ଆଳୟେ । ଶ୍ରୀରାମ ମୂରତି ଧରି କଲେକ ବିଜୟେ ॥ ହସ୍ତେ କାଣ୍ଡ କୋଦଣ୍ଡ ଯେ ପାଦୁଅଛି ଶୋଭି । ନବ ଦୂର୍ବାଦଳ ବର୍ଣ୍ଣ ବିରାଜୁଛି ପ୍ରଭି ॥ ତୁଳସୀ ଦାସ ଦେଖିଣ ଶ୍ରୀରାମ ମୂରତି । ଚରଣ ତଳେ ପଡ଼ି କରିବ ଯେ ସ୍ତୁତି ॥ ଏମନ୍ତ ମହିମା ଜାଣ ତୁଳସୀ ଦାସର । ତା ପାଇଁ ଶ୍ରୀରାମ ମୂର୍ତ୍ତି ଧରିବେ ଶ୍ରୀଧର ॥ ମୂରଲି ଦାସେ ହୋଇବେ ମନ୍ତ୍ରେ ଅଧିକାରୀ । ଶାଳଗ୍ରାମକୁ ପୂଜିବେ ସେହୁ ଯତ୍ନକରି ॥ ଯେତେବେଳେ ମିଳି ଯିବ ଯେଉଁ ଦ୍ରବ୍ୟ ଆସି । ପ୍ରାଣିଙ୍କ ବଦନେ ତାହା ଦେଉଥିବେ ବସି ॥ ଆତ୍ମା ବିନା ଆନ ଦେବ ନ ମାନିବ ସେହୁ । ପଞ୍ଚବଟୀ ଅରଣ୍ୟରେ ଦାସେ ଥିବେ ରହୁ ॥ ତା ମୁଖୁଁ ରାମତାରକ ଚର୍ଚ୍ଚା ଶୁଣିବେ । ଏ ରୂପରେ ଅଛନ୍ତି ଶ୍ରୀ ସମ୍ପ୍ରଦା ବୈଷ୍ଣବେ ॥ ଧାମକ୍ଷେତ୍ର ତାହାଙ୍କର ଏ ପରମ ଚୈତନ୍ୟ । ଶାଖା ପ୍ରବର ତାଙ୍କର ଶୁଣ ହୋ ଅର୍ଜୁନ ॥ ବେଦଗଣର ମଧ୍ୟେ ସାମବେଦ ତାହାଙ୍କର । ଅଙ୍ଗୁଷ୍ଠିରେ ଗଣାହୁଏ ତଳନ ବେଦର ॥ ସେ ବେଦର ହଂସ ଦୀକ୍ଷା ଗୋତ୍ର ଯେ ଅଚ୍ୟୁତ । ଷଡ଼ଚକ୍ର ଆସନ ତା ନିର୍ମାଲ୍ୟ ପ୍ରଣବ ॥ ଭଜନ ଉପାସନ ଶ୍ରୀରାମ ନାରାୟଣ । ପ୍ରଣବଟି ମୂଳମନ୍ତ୍ର ସୋମନାଥ ଧାମ ॥ ଚିତ୍ରକୂଟ ଧର୍ମଶାଳା ଅଯୋଧ୍ୟା ବିଳାସ । ପଞ୍ଚବଟୀ ପରିକ୍ରମା ଫଲ୍ଗୁ ତୀର୍ଥବାସ ॥ ମହାଗ୍ନି କ୍ଷେତ୍ର ଶ୍ରୀହରି ନାମ ମାଳା କହୁ । ରାମ ଉପାସକ ଜାଣ ବଶିଷ୍ଠ ଅଟଇ ॥

ଗୋଦାବରୀ ଅଭିମନ ଶ୍ରୀଚନ୍ଦ୍ର ତିଳକ । ଶ୍ରୀ ଦେବତା ହନୁମାନ ଭକତି ସାତ୍ତ୍ୱିକ ॥ ଶ୍ରୀରାମ ଗାୟତ୍ରୀ ନାମ ଅଖଡାହିଁ ଜାଣ । ଶବଦ ଦ୍ୱାର ପରମହଂସ ମନ୍ତ୍ର ଧ୍ୟାନ ॥ ଏବେ ଅଷ୍ଟ ସଖୀଙ୍କର ଶୁଣ ନାମ ପ୍ରଜ୍ଞା । ଲକ୍ଷଣା ସଖୀ ଶାମଳା ସୁହଂସୀ ସୁବଜ୍ଞା ॥ ଅବର ଯେ ବଇପିଦ୍ଧା ଚେନ-ରୂପା ଜାଣ । ଚନ୍ଦ୍ରରେଖା ଚନ୍ଦ୍ରାବଳୀ ଏ ଅଷ୍ଟ ପ୍ରମାଣ ॥ ଶ୍ରୀରଘୁ-ନାଥଙ୍କୁ ସେବୁଥାନ୍ତି ଅଷ୍ଟସଖୀ । ଏ କଥା ଅନ୍ୟ କଣ କେ ନ ପାରଇ ଲେଖି ॥ ଶିମ୍ବାସମ୍ପ୍ରଦାର ଅଣ୍ଡା ହେଲେ ରାମାନନ୍ଦୀ । ସକଳେ ଏ ସମ୍ପ୍ର-ଦାଙ୍କୁ ଏହଠାରୁ ବନ୍ଧ । ଏହିରୂପେ ରାମାନନ୍ଦ ସମ୍ପ୍ରଦା ଲକ୍ଷଣ । ମାଧବା-ନନ୍ଦର ଧର୍ମ କହୁଅଛୁ ଶୁଣ ॥ ପ୍ରଥମରୁ ଏ ସମ୍ପ୍ରଦା ଅଟେ ଧ୍ୟାନହୃ । ଓଁକାର ଯେ ତତ୍ତ୍ୱ କହି ହରି ମହାମନ୍ତ୍ର ॥ ଅଦ୍ୟରୁ ବୈକୁଣ୍ଠନାଥ ସ୍ୱାମୀଙ୍କ ମୁଖରୁ । ଏକ ଅକ୍ଷରେ ପ୍ରକାଶ ପାଇଲା ଶରୀରୁ ॥ ସେହି ଅକ୍ଷ-ରକୁ ହରି ତ୍ରିଅକ୍ଷର କଲେ । ଅନନ୍ତ ତାହାକୁ ଅନ୍ତର୍ଗତରେ ଧଇଲେ ॥ ଚତୁର୍ବିଂଶ ଅକ୍ଷର ଯେ ବ୍ରହ୍ମଙ୍କୁ କହିଲେ । ବେଦବର ତାହା ଗୂଢଶ୍ଳୋକରେ ଭଣିଲେ ॥ ନରନାରାୟଣଙ୍କୁ ତା ଶୁଣାଇଲେ ପୁଣି । ନାରଦ ଅଗେ କହିଲେ ନାରାୟଣ ଜାଣି ॥ ଅନୁରାଗେ ଦଶ ଶ୍ଳୋକେ କହିଲେ ବିଶେଷି । କର୍ଣ୍ଣରେ ଶୁଣିଲେ ତାହା ନାରଦ ମହର୍ଷି ॥ ବ୍ୟାସଙ୍କୁ ବୁଝାଇ ଶତ-ଶ୍ଳୋକରେ କହିବେ । ନାରଦଙ୍କ ଦୀକ୍ଷାପାଇ ବେଦବ୍ୟାସ ଭବେ ॥ ଅଷ୍ଟା-ଦଶ ସହସ୍ର ଶ୍ଳୋକ କରିବେକ ପୁଣି । ସୁପ୍ରସନ୍ନେ ଶୁକଦେବ ହସ୍ତେ ଦେବେ ଆଣି ॥ ସେ ଶୁକ ବ୍ରହ୍ମ ପୁରୁଷ ବ୍ୟାସଙ୍କର ସୁତ । ସେ ଗ୍ରନ୍ଥ ଗୋଟିର ନାମ ଦେଲେ ଭାଗବତ ॥ ପରୀକ୍ଷିତ ରାଜା ଆଗେ କହିବେ ବୁଝାଇ । ଶ୍ରୀ ଭାଗବତର ତତ୍ତ୍ୱ କର୍ଣ୍ଣେ ଦେବେ କହି ॥ ପରୀକ୍ଷିତ ଶୁଣିଲାରୁ ମୁକ୍ତିରେ ଯିବ । ସେହି ମହାମନ୍ତ୍ର ପାପୀମାନଙ୍କୁ ତାରିବ ॥ ବ୍ରହ୍ମ ସମ୍ପ୍ର-ଦାର ପୁଣ୍ୟ କ୍ଷେତ୍ରଧାମ ଶୁଣ । ଧର୍ମଶାଳା ବଦରିକା ଯେ ପୁରୁଷୋତ୍ତମ ॥ ନୃସିଂହ ସେବକ ରାସ ଯଜ୍ଞ ଋଗ୍‌ବେଦ । ନାସିକା ବୁଅର ଜାଣ ଅଗ୍ରଯ୍ୟ ନାରଦ ॥ ଦେବତା ଶ୍ରୀ ଜଗନ୍ନାଥ ଇଷ୍ଟ ମହାଲକ୍ଷ୍ମୀ । ଘାଟ

ଯେ ଅନନ୍ତ ଗୋର୍ଦ୍ଧ ଶ୍ରୀ ଅଚ୍ୟୁତ ସ୍ୱାମୀ ॥ ମନ୍ତ୍ର ଯନ୍ତ୍ର ରାଜ ଶିଶ୍ୱ ହରି ନାମ ମାଳା । ଅଜପା ବ୍ରହ୍ମ ଗାୟତ୍ରୀ ଜପା ଯୋଗଶାଳା ॥ ତୀର୍ଥ ତୀର୍ଥ-ରାଜ ଜାଣ ପରଂବ୍ରହ୍ମ ଧ୍ୟାନ । କବୀର ନାମ ଯେ ଗଙ୍ଗା ଅନନ୍ଦ କାନନ ॥ ଜ୍ଞାନ ଆତ୍ମଜ୍ଞାନ ସେବା ପବନ ଓଲଟ । ସଙ୍ଖ୍ୟା ନାମ ଦେବ ଜନ୍ମ ବୃକ୍ଷ କଳ୍ପବଟ ॥ ଭକତି ନାମ ହରଣ ମୁକତି ସାଯୁଜ୍ୟ । ଭାବ ସନଦରଶୀ ଯେ ରସ ଅଇଶ୍ୱର୍ଯ୍ୟ ॥ ମଣୋହି ନିର୍ମାଲ୍ୟ ତାର ବିଳାସ ରହସ୍ୟ । ବିହାର ବୈକୁଣ୍ଠ ଆସନ ତା ନନ୍ଦୀଘୋଷ ॥ ଅଷ୍ଟ ସଖୀଙ୍କର ନାମ ଶୁଣ ହେ। ଅର୍ଜୁନ । କହୁଅଛୁ ତୋ ଆଗରେ ଗୁପତ ବଚନ ॥ ଶତରୂପା ସୁଲକ୍ଷଣା ସୁଲଗ୍ନା ସୁକାନ୍ତ । ସୁଦୁର୍ଗା ସୁବ୍ରାହ୍ମୀ ଯେ ସୁରେଖା ସେ ସୁରତ ॥ ଏହି ଆଠଗୋଟି ସଖୀ ସେବୁଥାନ୍ତି ନିତ୍ୟ । ଏହାଙ୍କ ରୂପରେ ସେହୁ ସର୍ବଦା ମୋହିତ ॥ ହରେ ରାମ କୃଷ୍ଣ ମହାମନ୍ତ୍ର ମୋକ୍ଷଦାତା । ଯେନନ୍ତି ତିଳକ କର କରୁଣାର୍ଦ୍ର ଚିତ୍ତ ॥ ନାସା ଅଗ୍ରରୁ ସଜାଇ ତିଳକ କରନ୍ତି । ହରିମନ୍ଦିର ତା ନାମ ବୈଷ୍ଣବେ ବୋଲନ୍ତି ॥ ଏ ତିଳକ ଗୋଟି ମୃତ୍ୟୁ କାଳକୁ ଯେ ମୂଳ । ଯେଣଥିଲେ ଏ ତିଳକ ନ ପଶଇ କାଳ ॥ ସର୍ବଭୂତ ନାରାୟଣ ଏ ଧର୍ମର ହେତୁ । ମୂଢ଼ ଏହା ନ ବୁଝିଣ ଧରେ ବାଦ କେତୁ ॥ ସମ୍ପ୍ରଦା ନ ବୁଝି ବାଦ କରନ୍ତି ଅଜ୍ଞାନେ । ବୈଷ୍ଣବ ଧର୍ମ ନିନ୍ଦନ୍ତି ଲୋକେ ମୂଢ଼ପଣେ ॥ ଆମ୍ଭ ଧର୍ମ ବଡ଼ ବୋଲି ଅପେ ହୋନ୍ତି ବଡ଼ । ନ ଭାବନ୍ତି ସବୁ ଏକ ବ୍ରହ୍ମ ରୀତି ଖେଡ଼ ॥ ଯେ ଯେଉଁ ଭାବରେ ଭଜୁ ଏକା ନରହରି । ଏହା ନ ଘାଣ୍ଟି ବସନ୍ତି ମୂଢ଼େ ବାଦ ଧରି ॥ ଯେତେକ ଲୋକ ଅଛନ୍ତି ଅସତ ପଣ୍ଡିତ । ସମ୍ପ୍ରଦା ନିନ୍ଦା କରନ୍ତି ହୋଇ ମଦମତ୍ତ ॥ ଶାତ୍ୱିକ ଧର୍ମ ପନ୍ଥା କହିବା ହୋ ଶୁଣ । ଏ ଧର୍ମ ନ ସେବିଲେ ଏ ପିଣ୍ଡ ଅକାରଣ ॥ ନିତ୍ୟାନନ୍ଦ ସମ୍ପ୍ରଦାର ଶୁଣ ଏବେ ଭେଦ । ବୈକୁଣ୍ଠନାଥଙ୍କ ମୁଖୁ ଜାତ ଋକ-ବେଦ ॥ ସେହି ଋଗବେଦ ଯହିଁ ଏକତ୍ର ହୋଇଲା । ଏକାନ୍ତ ହୁଅନ୍ତେ ବ୍ରହ୍ମ ଶବଦ ଚେତିଲା ॥ ସେହି ଶବଦକୁ ଶୁଣି ଧାଇଁ ସନକାଦି । ବ୍ରହ୍ମକୁ

ଧରନ୍ତେ ରାଧା ଜାତ ହୃଦବେଦ ॥ ରାଧୁ ତହିଁ ଜୀବ କଲେ ଯା ପରମ ପଦ । ପାଇଲ ଅର୍ଜୁନ ଏବେ ରାଧା ନାମ ଭେଦ । ଏହି ରାଧାରୁ ଶ୍ରୀକୃଷ୍ଣ ନିତ୍ୟସ୍ଥଳେ ସେବନ । ଅବିରତ ରହିଛନ୍ତି ଦିବସ ରଜନୀ ॥ ସେ ରାଧା ନାମ ଜପନ୍ତି ମୁରଲୀ ସ୍ୱରରେ । ସେ ରାଧା ନାମ ପୂଜନ୍ତି ହୃଦୟପଦ୍ମରେ । ସେ ରାଧାଙ୍କ ଏଡ଼େ ଲଘୁ ଶ୍ରୀକୃଷ୍ଣର ଯେଣୁ । ଜୀବଙ୍କ ହୃଦେ ଭଜନ ହେଉଅଛି ତେଣୁ ॥ ସେହି ଭଜନ ଗୋଟି ଯେ ଅଟେ ବ୍ରହ୍ମଜ୍ଞାନ । ବେଦ ଅଯୁତ ଷୋଡ଼ଶ ଅମୃତ ଭଜନ ॥ ଜନଙ୍କୁ ଏତେ ଲେଖାଏଁ ଭଜନ ଯେ କରୁଁ । ଜଗତେ ଜନମ ହୋଇ ଶରୀରକୁ ଧରୁଁ ॥ ସେ ଭଜନ ନ ଚିହ୍ନିଲେ ଲୋକ ମନ୍ଦ ହେଲ । ବୋଲଇ ଅମୃତ ରାଧା ନାମ ଏକା ମୂଳ ॥ ସକଲଯନ୍ତ୍ରରେ ରାଧା ଶବଦ ବାଜୁଛି । ସେହି ରାଧା ଶବ୍ଦ ଯାହା ବ୍ରହ୍ମା ବୋଲୁଅଛି ॥ ଭଜନ ଚିହ୍ନି ଭଜିଲେ ହିନା ଯାଇ ତର । ନୋହିଲେ ଚଢ଼ି ଦଦରା ନାବେ ଯିବ ମର ॥ ଏମନ୍ତ ପ୍ରକାର ରାଧା ଭଜନ ମହିମା । ଅନୁକ୍ଷଣ ଭଜନ୍ତି ଏ ଶବ୍ଦ ଶିବ ବ୍ରହ୍ମା ॥ ଜୀବ ପରମ ରୂପରେ ଭଜନ ତାଙ୍କର । ଏ ଜୀବ ପରମ ସର୍ବହୃଦେ ଅବ-ତାର ॥ ଯେ ଚିହ୍ନି ପୂଜଇ ମୁହିଁ ଦିଏ ତାକୁ ଗତି । ଏହି ଜୀବ ପରମଙ୍କୁ ହୃଦେ ଅମ୍ଭେ ଯେତି । ମଞ୍ଚରେ ଜନମ ହେଉ ବହୁ ନର ଯୋନି । ଅଭିନ୍ନ ଅଟୁ ଯେ ଅମ୍ଭେ ଜାଣ ଫାଲଗୁନି ॥ ମୋ ହୃଦରେ ଥାଏ ରାଧା ମୁଁ ଥାଏଁ ତା ହୃଦେ । ଜୀବ ପରମରେ ମିଶି ରହୁ ଅମ୍ଭାପଦେ ॥ ଏରୂପେ ରାଧାଙ୍କୁ ମୁହିଁ ଅନୁକ୍ଷଣେ ରମେ । ମୁହିଁ କମଳାରୁ ଲୋକେ ତରନ୍ତି ତା ନାମେ । ରାଷ୍ଟ ପଦ୍ମାଳୟା ଯାନ୍ତି ପରମ ଈଶ୍ୱର । ଏରୂପେ ସେ ରାଧା ନାମ ଅଟେ ଦ୍ୱିଅକ୍ଷର ॥ ରାଧା ଏ ବେନି ଅକ୍ଷର ପ୍ରତ୍ୟକ୍ଷରେ ବ୍ରହ୍ମ । ଜାଣି ଶୁଣି ପ୍ରାଣୀଏ ତା ହେଉଛନ୍ତି ଭ୍ରମ ॥ ଏ ରାଧା ବେନି ଅକ୍ଷର ଜାଣି ସର୍ବ ମୁନି । ଉପଦେଶ ଦେବେ ଯାଇ ମନକର୍ଣ୍ଣି ସେନି ॥ ରାଧା କୃଷ୍ଣ ନାମ ହିନା ଅଟେ ପିଣ୍ଡ ମୋର । ସେ ପିଣ୍ଡରେ ଅମ୍ଭା ମୁହିଁ ଅଟେ ତତ୍ତ୍ୱସାର ॥ ପିଣ୍ଡକୁ ଭଜନ୍ତି ମୋର ଅମ୍ଭା ନ ଭଜନ୍ତି । ଅମ୍ଭାକୁ

ନ ଭଜ ନରେ ବ୍ୟର୍ଥେ ମରୁଯାନ୍ତି ॥ ଏଣୁ ଆମ୍ଭେ ଭକ୍ତିର କରନ୍ତୁ ପ୍ରକାଶ । ଯେମନ୍ତେ ପ୍ରକାଶ ହେବ ଶୁଣ ଖଗେଶ ॥ ସେ ଜୀବ ଆପଣା ଅଙ୍ଗୁ ପ୍ରକାଶି ରହିବ । ଦଶମାସ ରହି ଗର୍ଭେ ଗୌର ବର୍ଣ୍ଣ ହେବ ॥ ନିମ୍ବମୂଳେ ଜନ୍ମ ନାମ ବହିବ ନିମାଇ । ଚୈତନ୍ୟ ରଖିବ ଜୀବ ପରମରେ ନେଇ ॥ ଚଇତନ୍ୟ ନାମ ଯୋଗେ ବହିବ ସେ ଦିନ ॥ ମୁହିଁ ଚୈତନ୍ୟ ଦେବ ଜାଣ ଅରଜୁନ ॥ ଚଇତନ୍ୟ ଧର୍ମ ଯିବ ସଂସାରରେ ଥୋଇ । ମୋକ୍ଷ କରିବ ପ୍ରାଣୀଙ୍କୁ ନର ଦେହ ବହି ॥ ଅଚେତ ହୋଇଣ ଥିବେ ଯେଉଁ ଲୋକମାନେ । କହିବେ ସେ ମହାମନ୍ତ୍ର ତାହାଙ୍କର କର୍ଣ୍ଣେ ॥ ତାହାଙ୍କ ଦର୍ଶନେ ପାପୀ ପାଇବେ ନିସ୍ତାର । ତାଙ୍କ ପାରିଷଦଗଣ ଶୁଣ ଖଗବର ॥ ରୂପ ସନା-ତନ ଦୁଇ ବିବେକୀ ସୁଜ୍ଞାନ । ଏ ଦୁହେଁ ତାହାଙ୍କୁ ଖଟିଥିବେ ପ୍ରତି-ଦିନ ॥ ଗଦାଧର ପଣ୍ଡିତେ ଯେ ତାହାଙ୍କର ଶିଷ୍ୟ । ଭଜିବେ ତାହାଙ୍କ ଶିଷ୍ୟ ହୋଇ ଶ୍ରୀନିବାସ ॥ ତାହାଙ୍କର ଶିଷ୍ୟ ହେବ ମଥୁରାମଙ୍ଗଳ । ଭଜିବେ ଗୋବିନ୍ଦ ପାଦ ହୋଇ ସେ ନିଶ୍ଚଳ ॥ ଗୋପାଳ ଆଚାର୍ଯ୍ୟ ହେବ ତାଙ୍କ ପରିକର । କୃଷ୍ଣହରିଦାସ ସେହି ଦେବେ ଅଧିକାର ॥ ତାହାଙ୍କର ଶିଷ୍ୟ ମଧୁମଙ୍ଗଳ ହୋଇବ । ସୁଗନ୍ଧ ଆଚାର୍ଯ୍ୟେ ଶିଷ୍ୟ ସେ ପୁଣି କରିବ ॥ ସେହି ଆଚାର୍ଯ୍ୟଙ୍କ ଶିଷ୍ୟ ହେବେ ରସାନନ୍ଦ । ତାହାଙ୍କ ଶିଷ୍ୟ ହୋଇବେ ସୁଜ୍ଞାନୀ ବିନୋଦ ॥ ତାଙ୍କ ଶିଷ୍ୟ ନିତ୍ୟା-ନନ୍ଦ ରାସସ୍ଥଳେ ରହି । ସେ ବ୍ରଜବାସିଙ୍କି ଶିଷ୍ୟ କରିବେ ଯେ ତହିଁ ॥ ଶ୍ୟାମ ଗୋରାଙ୍କୁ ସେଠାରେ ଶିଷ୍ୟ ସେ କରିବେ । ସେହି ଦିନୁ ଶ୍ୟାମ କୁଣ୍ଡ ଲୋକେ ଯେ ବୋଲିବେ ॥ ତାଳ ମୃଦଙ୍ଗ ବାଜିବେ ବୁଲି ପୃଥ୍ୱୀ ଯାକ । ବହୁତ ଶିଷ୍ୟ କରିବେ ନାହିଁ ତାର ଲେଖ ॥ ଏହି ସମ୍ପ୍ରଦାୟ ଏବେ ଶୁଣ ଧାମ କ୍ଷେତ୍ର । ପଢ଼ିଲେ ମୋକ୍ଷ ହୋଇବ ଶୁଣିଲେ ପବିତ୍ର ॥ ବ୍ରହ୍ମେ ତତ୍ତ୍ୱ ଦ୍ୟନ୍ତେ ଚଇତନ୍ୟ ଧର୍ମ କହି । ତେଣ ସେହି ନିମାନନ୍ଦ ଅଟେ ବ୍ରହ୍ମଧାରୀ ॥ ପ୍ରଥମେ ଆସନ ଶୁଦ୍ଧି ଅଟେ ମନ

ଶୂନ୍ୟ । ଓଁକାର ଆଦି ତା ମୂଳ ମହାମନ୍ତ୍ର ଧ୍ୟାନ ॥ ପରମହଂସ ଅଟଇ ଏ ସମ୍ପ୍ରଦା ଘାଷା । ନାସିକା ଅର୍ଦ୍ଧରୁ ହରିମନ୍ଦିର ଯେ ଶିଖା ॥ ଧର୍ମଶାଳା ତାହାର ଯେ ମଥୁରା ନଗର । ବିଳାସ ଶ୍ରୀବୃନ୍ଦାବନ ହରିନାମ ମାଳ ॥ ଗୋକୁଳ ତା କ୍ଷେତ୍ର ତୀର୍ଥ ନାମ କ୍ଷେ ଗୋମତୀ । ଗୋବର୍ଦ୍ଧନ ପରିକ୍ରମା ଗୋପାଳ ଗାୟତ୍ରୀ ॥ ଦ୍ୱାରକା ତାହାର ଧାମ କୃଷ୍ଣ ଉପାସକ । ରୁକ୍ମିଣୀ ମାତା ତା ଇଷ୍ଟ ବ୍ରହ୍ମରେ ରସିକ ॥ ବେଦ ତାର ଯଜୁ ବଟ ନାମ ଯେ କଦମ୍ବ । ଚକ୍ଷୁ ତାର ଦ୍ୱାର ତହିଁ ଗରୁଡ଼ ଯେ ଖମ୍ବ ॥ ନାରଦ ଆଚାର୍ଯ୍ୟ ଗୋତ୍ର ଅଚ୍ୟୁତ ତାହାର । ଭଜନ ଗୋପାଳମନ୍ତ୍ର ଦ୍ୱାଦଶ ଅକ୍ଷର ॥ ଗୋପୀ ଖଟାଇଣ ଗୋପୀ ତିଳକ ଚନ୍ଦନ । ବଂଶୀର ସୁସ୍ୱର ନିତ୍ୟ ଲଗାନ୍ତି ଭଜନ ॥ ଦୁର୍ବାସା ନାମରେ ଋଷି ମଠ ବଇକୁଣ୍ଠ । ଆଦିମାତା କମଳା ଯେ ଗାର୍ଗ୍ୟମୁନି ଶ୍ରେଷ୍ଠ ॥ ଶ୍ୟାମ କୁଣ୍ଡ ରାଧାକୁଣ୍ଡ ଅଟନ୍ତି ଏ ସ୍ୱର୍ଗ । ନବଧା ଭକତି ପୂଜା ଅଷ୍ଟାଙ୍ଗ ଯେ ଯୋଗ ॥ ସାରୂପ୍ୟ ମୁକତି କହି ରସ ପ୍ରେମ ଜାଣ । ଅଷ୍ଟ ସଖୀଙ୍କର ନାମ କହୁଅଛି ଶୁଣ ॥ ଇନ୍ଦୁରେଖା ଚନ୍ଦ୍ରରେଖା ଚମ୍ପକ ଲତିକା । ରଙ୍ଗଦେବୀ ସୁଦେବୀ ଯେ ଲଳିତା ବିଶାଖା ॥ ଶ୍ରୀରୂପମଞ୍ଜରୀ ଘେନି ଅଷ୍ଟସଖୀ ଜାଣ । ଖଟୁଥାନ୍ତି ପ୍ରତିଦିନ ତାହାଙ୍କ ପାଦେଣି ॥ ଦାମ ସୁଦାମ ସୁବଳ ଯେ ମଧୁମଙ୍ଗଳ । ଅନଙ୍ଗମଞ୍ଜରୀ କାମମଞ୍ଜରୀ ଯୁଗଳ ॥ ଗୋବର୍ଦ୍ଧନ ପରିକ୍ରମା ନିର୍ମାଲ୍ୟ ଯେ ଭୋଗ । ଅଷ୍ଟପ୍ରହରେ ଶ୍ରୀକୃଷ୍ଣ ଅଷ୍ଟଲୀଳା ଯୋଗ ॥ ଗୋବିନ୍ଦ ଶ୍ରୀମୁଖେ ଲିପି କରନ୍ତି ଏ ନୀତି । ଏ ସମ୍ପ୍ରଦାଇ ମହିମା ଅଟେ ବିଷ୍ଣୁଭକ୍ତି ॥ ଗୁରୁ ସମ୍ପ୍ରଦାର ପୁଣ୍ୟ ନାମ-ଧାମ ଆଦି । ସକଳ ବୁଝାଇ ଦେଲେ କହିଲି ସମ୍ବାଦ । ପଣ୍ଡିତଜନେ ମୋହର ନ ଘେନିବ ଦୋଷ । ମୁହିଁ ହେବଦା ଅଟଇ ଶ୍ରୀକୃଷ୍ଣର ଦାସ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ଗୁରୁ ସମ୍ପ୍ରଦ ନାମ ଧାମାଦି କଥନେ ନାମ ସପ୍ତଷଷ୍ଠିତମୋଽଧ୍ୟାୟଃ ।

ଅଷ୍ଟଷଷ୍ଟିତମ ଅଧ୍ୟାୟ ।

ଅର୍ଜ୍ଜୁନ ବୋଇଲେ ଅହେ ତୁମ୍ଭେ ବାସୁଦେବ । ଶ୍ୟାମାନନ୍ଦଦୀକ୍ଷା ମୋତେ ବିସ୍ତାରି କହିବ ॥ କହନ୍ତି ସେ ନାରାୟଣ ଶ୍ୟାମାନନ୍ଦୀ ପନ୍ଥା । କୁନ୍ତୀ ନନ୍ଦନ ଅର୍ଜ୍ଜୁନ ଅଟନ୍ତି ଯେ ଶ୍ରୋତା । ବୋଲନ୍ତି ହେ ସାବଧାନେ ଶୁଣ ପାଣ୍ଡୁବୀର । ବ୍ରାହ୍ମଣ ଅଂଶେ ଜନ୍ମିବ ଶ୍ୟାମାନନ୍ଦ ମୋର ॥ ସର୍ବ୍ବ ବର୍ଣ୍ଣେ ବ୍ରାହ୍ମଣ ଅଟଇ ଏଣୁ ଗୁରୁ । ବ୍ରାହ୍ମଣ ତାରନ୍ତି ପ୍ରାଣୀମାନଙ୍କୁ ସଂସାରୁ ॥ ବ୍ରାହ୍ମଣଠାରେ ଦୋରେହ୍ନା ଯେ ପ୍ରାଣୀ ହୁଅଇ । ବିଷ୍ଣୁ ଦୋରେହ୍ୱା ସେ ଜାଣ ପ୍ରତ୍ୟକ୍ଷ ଅଟଇ ॥ ବ୍ରାହ୍ମଣ ନାମ ହେ ପାର୍ଥ ଯେଉଁ ତ୍ରି ଅକ୍ଷର । ପ୍ରତ୍ୟକ୍ଷ ଅଟନ୍ତି ବ୍ରହ୍ମା ବିଷ୍ଣୁ ମହେଶ୍ୱର ॥ ଏଣୁ ବିପ୍ର ପାଦରଜ ଭେଜଇ ଯେ ନିତି । ସକଳ ରିଷ୍ଟ ତାହାର ହୋଇଯାଏ ଶାନ୍ତି ॥ ବ୍ରାହ୍ମଣମାନଙ୍କୁ ଯେହୁ ନିତ୍ୟେ ଦିଏ ଗ୍ରାସ । ତାହା ଭୁକ୍ତମାନେ ବିଷ୍ଣୁ ସନ୍ତୋଷ ଅବଶ୍ୟ ॥ ବ୍ରାହ୍ମଣଙ୍କ ବାକ୍ୟେ ହରି ନିତ୍ୟେ ଥାନ୍ତି ବହି । ସେ ଯାହା ବୋଲଇ ମୁଁ ତା ଆନ ନ କରଇ । ବ୍ରାହ୍ମଣ ସନ୍ତୋଷ ହେଲେ ମୁଁ ହୁଏ ସନ୍ତୋଷ । ବ୍ରାହ୍ମଣଙ୍କୁ ଯେ ନିନ୍ଦଇ ତାର ସର୍ବ୍ବନାଶ ॥ ବିଷ୍ଣୁର ନାମକୁ ଲକ୍ଷେ ଜପି ଫଳ ଯେତେ । ବ୍ରାହ୍ମଣ ନିତ୍ୟେ ସେବିଲେ ଫଳ ହୁଏ ତେତେ ॥ କୋଟି ଶିବଲିଙ୍ଗ ପୂଜା କଲେ ଯେତେ ପୁଣ୍ୟ । ତେତିକ ପୁଣ୍ୟ ହୁଅଇ ସେବିଲେ ବ୍ରାହ୍ମଣ ॥ ସହସ୍ରେକ ଶାଳଗ୍ରାମ ପୂଜିଲେ ଯେ ଫଳ । ସହସ୍ରଗୁଣେ ଅଧିକ ବିପ୍ର ପାଦଜଳ ॥ ବ୍ରାହ୍ମଣ ଯାହା ଭୁଞ୍ଜଇ ବିଷ୍ଣୁ ତା ଭୁଞ୍ଜନ୍ତି । ଏଣୁ ବ୍ରାହ୍ମଣ ବିଷ୍ଣୁଙ୍କ ପ୍ରାଣଠି ଅଟନ୍ତି ॥ ବ୍ରାହ୍ମଣ ଯହିଁ ରହଇ ସେସ୍ଥାନ ପବିତ୍ର । ସର୍ବ୍ବ ଘଟକୁ ସଂସ୍କାର କରେ ବିପ୍ର ହସ୍ତ ॥ ବ୍ରାହ୍ମଣ ବାକ୍ୟ ସକଳ ବିଷ୍ଣୁହିଁ କେବଳ । ଏଣୁ ସମାନ ଅଟନ୍ତି ବ୍ରାହ୍ମଣ ଅନଳ ॥ ହୋମସ୍ଥାନରେ ଯେ କରେ ବ୍ରାହ୍ମଣ ବରଣ । ତାହାର ସୁଫଳ ହୁଏ ସର୍ବ୍ବକର୍ମ ଜାଣ ॥ ହୋମଯଜ୍ଞରେ ଯେତେକ ଘୃତ ଶ୍ରୁବ ବାଢ଼ି । ତହୁଁ ଚଉଠ ବ୍ରାହ୍ମଣ ନେବ ବେଦ ପଢ଼ି ॥ ବ୍ରାହ୍ମଣ ଭୁଣ୍ଡରେ ଅଗ୍ନି ହୁଅନ୍ତି-ସନ୍ତୋଷ । ଏଣୁ ବ୍ରାହ୍ମଣ ଅଟଇ ଅଗ୍ନିର ଏକାଂଶ ॥ ବ୍ରାହ୍ମଣ ଜଠରଅଗ୍ନି ଅଗ୍ନିର ସମାନ ॥ ଏଣୁ ଘୃତର ଚଉଠ ନିଅନ୍ତି ବ୍ରାହ୍ମଣ ॥ ବ୍ରାହ୍ମଣେଟି ଆଶୀର୍ବାଦ କରନ୍ତି ଯେମୁଖେ । ଶ୍ରୀ ବିଷ୍ଣୁ ବଚନ

ତାହା ଜାଣିବ ହୃଦ୍ୟରେ ॥ ବ୍ରାହ୍ମଣର ଗର୍ଭ ଯାକ ବ୍ରହ୍ମ ଗର୍ଭ ଉଠେ । ବ୍ରହ୍ମଣେ ଦାନ ଭୋଜନେ ଲଭଇ ବୈକୁଣ୍ଠେ ॥ କେହ ନ କରନ୍ତୁ ଏତେ ବ୍ରାହ୍ମଣେ ଅଶ୍ରଦ୍ଧା । ବ୍ରାହ୍ମଣେଟି ବ୍ରହ୍ମ ଅଙ୍ଗ ଅଟନ୍ତି ସର୍ବଦା ବ୍ରାହ୍ମଣ ସେବା ମୋହର ଉତ୍ତମ ଭକତ । ଶ୍ୟାମାନନ୍ଦ ବିପ୍ରଘରେ ହେବେ ଉତ୍ପତ୍ତି ॥ ଶୁଦ୍ରଧର୍ମରେ ହୋଇବେ ସେହୁ ଅଧିକାରୀ । ନାମମହା ମନ୍ତ୍ର ଦେବେ ଲୋକଙ୍କୁ ଉଦ୍ଧାରି ॥ ସାକ୍ଷାତରେ ବିଷ୍ଣୁ କଳା ଯେତେ ଜାତ ହେବେ । ଶୁଦ୍ରଧର୍ମ ସେବ ପ୍ରାଣିଗଣେ ଦୀକ୍ଷା ଦେବେ ॥ ବିଷ୍ଣୁ ସ୍ୱାମିଙ୍କି କରିବେ ସେହୁ ପରକଟ । ତେଣୁ ନାମ ହେବ ସ୍ୱାମୀ ବିଷ୍ଣୁ ଘଣ୍ଟ ଦାର ॥ ସଦ୍ଜ୍ଞାନନ୍ଦ ଯେ ହେବେ ବିଷ୍ଣୁ ସ୍ୱାମି ଶିଷ୍ୟ । ଅଗ୍ରଜ ପଦ୍ମନାଭ ଯେ ହେବେ ତାଙ୍କ ଶିଷ୍ୟ ॥ ସେ ପଦ୍ମନାଭଙ୍କ ଶିଷ୍ୟ ଗୋକୁଳ ପଣ୍ଡିତ । ଗୋକୁଳ ପଣ୍ଡିତ ଶିଷ୍ୟ ହେବେ ଯଶୋବନ୍ତ । ସେ ଯଶୋବନ୍ତଙ୍କ ଶିଷ୍ୟ ସ୍ୱଜ୍ଞାନୀ ବିଭୂତ । ତାହାଙ୍କର ଶିଷ୍ୟ ହେବେ ସଦାନନ୍ଦ ଯତି ॥ ଲକ୍ଷଣାଗ୍ରଜ ହୋଇବେ ତାହାଙ୍କର ଶିଷ୍ୟ । ଲକ୍ଷ୍ମୀସାଗର ବୈଷ୍ଣବ ହେବେ ତାଙ୍କ ଶିଷ୍ୟ ॥ କହିଲେ ଯେ ନ ସରିବ ତାଙ୍କ ଶିଷ୍ୟ ଯେତେ । ଗୋଟିଏ ମାତ୍ର ତହିଁରୁ କହିଦେବା ତୋତେ ॥ ସେ ସାଧୁ ମଠରୁ ଜାଣ ବାହାରନ୍ତି ଯେବେ । ଅନୁକୂଳର ନିଶାଣ ବାଜା ଉଠେ ସେବେ । ଯହିଁକି ଗଲେ ନିଶାଣ ବଜାଇ ସେ ଯାନ୍ତି । ଏମନ୍ତେ କ୍ଷେତ୍ର ମଧ୍ୟରେ ହେବେ ସେହି ଯତି ॥ ନିଶାଣ ବଜାଇ ବଡଦାଣ୍ଡେ ଯାନ୍ତେ ପଶି । ଶୁଣି ଚମକି ପଡିଲେ ସର୍ବ ପୁରବାସୀ ॥ ତାହାଙ୍କ ସଙ୍ଗତେ ଶୁଣି ଗଜପତି ରାଜା । ବୋଲିବେ କାହିଁ ଅଇଲା ଏ ଅପୂର୍ବ ବାଜା ॥ ଲୋକେ ବୋଇଲେ ମଣିମା ବଇଷ୍ଣବ ଜଣେ । ନିଶାଣ ବଜାଇ ଯାନ୍ତି ସାଙ୍ଗ ବଡଦାଣ୍ଡେ ॥ ରାଜା ବୋଲିବେ ଏ ବାଜା ଦେଲା କେ ତାହାକୁ । ଏ ବାଦ୍ୟ ଶୋଭା ପାଇବ ଅମ୍ଭ ଗହଣକୁ ॥ ନୃପତିକୁଳକୁ ସିନା ଏ ବାଦ୍ୟ ଶୋଭଇ । ସେ କାହିଁକି ବଜାନ୍ତି ତା ବୃଷ୍ଟିଅସ ଯାଇ ॥ ରାଜାର ଆଜ୍ଞା ପାଇଣ ଧାଇ ଯିବେ ଲୋକେ । ମିଳିବେ ଯାଇ ସେ ସାଧୁ ମହନ୍ତର ପାଖେ ॥ ବୋଲିବେ ଆହେ ଗୋସାଇଁ ରଖ ଏ ବାଜଣା । ଶ୍ରୀମହାରାଜା ଏବେ କରୁ ଅଛନ୍ତି ତୋଲଣା । ସେ ବଇଷ୍ଣବ ବୋଲିବେ ଶୁଣ ଅରେ ଦୂତ । ଯେବେ

ବଜାଇବା ପାଇଁ ମନାକଲ ମୋତେ ॥ ନବାଜୁ ନବାଜୁ ଅଉ କାହାର
ନଘଣି । ଲୋକେ ଧାଇଁଯିବେ ପୁଣି ଏ ବଚନ ଶୁଣି ॥ ଶ୍ରୀଘମୂର୍ତ୍ତିର
ଜଣାଇବେ ମହନ୍ତଙ୍କ ସ୍ୱପ୍ନ । ଶୁଣି ଗଜପତି ରାଜା ହୋଇବେ ହରଷ ॥
ବୋଲିବେ ଦେଖି ଅମ୍ଭର ବଜାଇଲେ ନିଶାଣି । ଶୁଣିଣ ସ୍ୱାମୀର
ଲୋକେ ବଜାଇବେ ଆଣି ॥ ପିଟିବେ ଯେତେ ଉପରେ ନଶୁଭିବ ନାଦ ।
ତାହା ଦେଖି ସର୍ବ ଲୋକେ ହୋଇବେ ସ୍ତବଧ । ଆଶ୍ଚର୍ଯ୍ୟ ଦେଖିଣ
ରାଜା ସାଧୁପାଶେ ଯିବେ । ବହୁତ କାରୁଣ୍ୟ ହୋଇ ଦଣ୍ଡବତ ହେବେ ॥
ବୋଲିବେ କାହିଁକି ଏହି ନିଶାଣ ନ ବାଜେ । ଗୋସାଇଁ ବୋଲିବେ
ଘୁମ୍ପ ଅଜ୍ଞା ମହାରାଜେ । ଅପଣ ନାହିଁ କଲରୁ ନ ବାଜଇ ଜାଣ ।
ଗୁରୁ ଅଜ୍ଞା ରାଜା ଆଜ୍ଞା ସାଧୁଆଜ୍ଞା ପୁଣ ॥ ଏତିନ ଅଜ୍ଞା ଯଖାରେ ସର୍ବ
ଲୋକେ ମାନ । ଗଜପତିଙ୍କର ବାକ୍ୟ ଙ୍କ ମେଣ୍ଟନ୍ତା ପୁଣି ॥ ଅମ୍ଭବାଜା
ଅହେ ରାଜା ନ ବାଜିଲା ଯହିଁ । ରାଜ୍ୟର ସକଳ ବାଜା ବାଜନ୍ତା ବା
ଜାହିଁ । ଶୁଣି ଗଜପତି ରାଜା ହେବେ ହସହସ । ବୋଲିବେ ଅଜ୍ଞାକରନ୍ତୁ
ବାଜୁ ବାଦ୍ୟଘୋଷ ॥ ମହନ୍ତ ସାଧୁ ବୋଲିବେ ବାଜୁ ବାଜୁ ବାଦ୍ୟ ।
ତତକ୍ଷଣେ ବାଦ୍ୟ ବାଜିବ କରି ଘୋର ନାଦ । ସାଧୁମାନଙ୍କର ବାକ୍ୟ
ଏହିପରି ଦୃଢ଼ । ସାଧୁଙ୍କ ମହିମା ବୁଝି ନ ପାରନ୍ତି ମୂଢ଼ । ଅହେ ପାର୍ଥ ଏ
ଧର୍ମର ଏଡ଼େ ବଡ଼ ଅଙ୍ଗ । ତାହାଙ୍କ ପର ହୋଇବେ ନାରାୟଣ ଭଟ୍ଟ ॥
ସେହି ନାରାୟଣ ଭଟ୍ଟ ମଥୁରା ମଣ୍ଡଳେ । ରହିଣ ଶିଷ୍ୟ କରିବେ ମୋହନ
ଗୋପାଳେ । ତାହାଙ୍କ ଶିଷ୍ୟ ହୋଇବେ ଶ୍ରୀମନ୍ତ ମହନ୍ତେ । ଶ୍ରୀମନ୍ତ
ମହନ୍ତଶିଷ୍ୟ ଗୌତମ ପଣ୍ଡିତେ ॥ ଗଉତମ ପଣ୍ଡିତଙ୍କ ଶିଷ୍ୟ ନୃ-
ଦେବେ । ସେ ଗୀତଗୋବିନ୍ଦ ରସ ପ୍ରଚାରିବେ ଭବେ ॥ ଏହିରୂପେ ଶ୍ୟାମା-
ନନ୍ଦ ସମ୍ପ୍ରଦାର ପୀଠ । କହିଲେ ଯେ ନ ସରଇ ଶ୍ରୀବସ୍ତୁର ଗୋଡ଼ ॥
ଶ୍ରୀବସ୍ତୁର ପାଦ ସେବା କରନ୍ତି ଏମାନେ । ଶ୍ରୀମହାଲକ୍ଷ୍ମୀଙ୍କ ଛଡ଼ା ନ
ଜନନ୍ତି ଅନ୍ୟେ । ଏବେ ଧାମ କ୍ଷେତ୍ର ଏହି ସମ୍ପ୍ରଦାର ଶୁଣ । କ୍ଷୀର-
ଶାୟୀ ଧର୍ମଶାଳା ବଇକୁଣ୍ଠ ଧାମ ॥ ଦ୍ୱାରକା ତା ଗୋଲୋହାଟ ଗୋଲୋକ
ଛୁଯ କ୍ଷେତ୍ର । ଧାରଣା ଯେ ପୂର୍ଣ୍ଣବ୍ରହ୍ମ ଓଁ ଯେ ମୂଳମନ୍ତ୍ର ॥ ସାଯୁଜ୍ୟ

ମୁକ୍ତି କହ୍ନ ସଙ୍ଗବେଣୀ ନାମ । ଅଗ୍ରୁର୍ଦ୍ଧ୍ୟ ନାରଦମୁନି ଋଷି ଗଉ-
ତମ ॥ ଗୋତ୍ର ପୂର୍ଯ୍ୟାମ୍ନକ ତାର ଅଥର୍ବ ଯେ ବେଦ । ଅଧାମ୍ନ ଜ୍ୟୋତି
କରନ୍ତି ବ୍ରହ୍ମ ପ୍ରାଣଛନ୍ଦ ॥ ବ୍ରହ୍ମମୁଦ୍ରା ବଜ୍ରଦାଣ୍ଡ ଅସ୍ତ୍ର ଯେ ବଜାଉ ।
ପରମହଂସ ଯେ ଧର୍ମ ବ୍ରହ୍ମ ଧ୍ୟାନ ତାର ॥ ଏନି ଛନ୍ଦୁଡ଼ ତ୍ରିକୂଟ
ବୋଲନ୍ତି ଯେଉଁଠାରେ । ବନ୍ଧ୍ ଘର ଛାଡ଼ି ବନ୍ଧୁ ଘେନ ସେହଠାରେ ॥
ଶ୍ରୀପରମହଂସ ଭକ୍ତି ବାଞ୍ଛ କଳ୍ପବଟ । କମଳା ଅହମାତାର ମଠ ବଇ-
କୁଣ୍ଠ ॥ ପଦ୍ମଆସନ ଗାୟତ୍ରୀ ଯେଷ୍ଠ ପଦ୍ମଘଟ । ଶୁକ୍ଳାମ୍ବର ହାସ୍ତୁଙ୍କର
ନିତ୍ୟସ୍ଥଳୀ ପେଣ୍ଠ ॥ ସେବା ପବନ ଆଲଟ ରସ ଭୃଙ୍ଗରସ । ଅଷ୍ଟସଖୀ-
ଙ୍କର ନାମ ଶୁଣ ଗୁଡ଼ାକେଶ ॥ ପଦ୍ମା ପାବନୀ ପଦ୍ମନେତ୍ରୀ ପରମଳା ।
ପଦ୍ମମୁଖୀ ପଦ୍ମଡୋଳା ଫିଙ୍ଗଳା ଚିଭୂଳା ॥ ଏହି ଧର୍ମ ପନ୍ଥା ଧର୍ମ ପଦ୍ମରେ
ଅଛଇ । ଯାବତ ଶଙ୍କର ପଦ୍ମକୋଷ୍ଟ ପ୍ରବର୍ତ୍ତଇ ॥ ବୁଝିଲେ ସମ୍ପ୍ରଦା
ଯାକ ସବୁ ପଦ୍ମ ଏକ । ଇହ୍ନ ମୂଳ ସମ୍ପ୍ରଦା ନ ଜାଣେ କେହି ଲୋକ ॥
ମୋତେ ଦେଲେ ଦଶେ ଆମ୍ଭ ପଦ୍ମରୁ ପ୍ରକାଶ । ମାତାର ଉଦରରେ
ରହି ଅସେ ଦଶମାସ ॥ ଶରୀରରୁ ଜାତହୋଇ ଶରୀରେ ସଞ୍ଚରେ ।
ବୁଝିଲେ ସବୁର ଅମ୍ଭା ଏକ ସୂତ୍ରେ ଧରେ ॥ କେହି ଅବା ଭାଗ୍ୟବନ୍ତ
ସୁଖ ଭୋଗ ଭୁଞ୍ଜେ । ସକଳ ଜୀବ ପ୍ରକାଶପାନ୍ତି ନାଭିକଞ୍ଜେ ॥ ଏଣୁ
ସବୁ ଲୋକଙ୍କର ମୂଳ ପଦ୍ମଚକା । ନିର୍ମାଲ୍ୟ ଭୋଜନ କର ସର୍ବେ
ବସି ଏକା ॥ ଆଧାର ଲିଙ୍ଗ ଯେ ନାଭି ହୃଦୁ କଣ୍ଠ ଯାଏ । ଲଲାଟେ
ଚକ୍ରକୁ ଭେଦ ଜଳ ପଦ୍ମପାଏ ॥ ଏମନ୍ତ ମହିମା ଏହି ସମ୍ପ୍ରଦାର
ଧର୍ମ । ପ୍ରଥମରୁ ଶିଷ୍ୟ ପନ୍ଥା ଦେଲେ ବସ୍ତ୍ରଶ୍ୟାମ ॥ ତେଣୁ ଏହି
ସମ୍ପ୍ରଦାକୁ ବସ୍ତ୍ରଶ୍ୟାମ କହି । ଏରୂପେ ବୋଲନ୍ତି ବୃନ୍ଦାବନ ଗୃହଭାଇ ॥
ଶ୍ରୀରାମାନନ୍ଦ ମାଧବାନନ୍ଦ ନିମାନନ୍ଦୀ । ଶ୍ୟାମାନନ୍ଦୀଙ୍କ ଘେନିଣ
ଗୃହଧର୍ମ ବନ୍ଧ ॥ ଏହି ଚାରି ଧର୍ମପରେ ଅଛି ଯେତେ ଶାଖା ।
ସମ୍ପ୍ରଦାରେ ନ ପଶି ଏ ସେବାକର ଶିକ୍ଷା ॥ ଆଉ ଯେତେ
ଚଳନ୍ତି ଏ ଗୃହ ଧର୍ମ ତନ । ନ ବୁଝିଲା ଲୋକେ ନିନ୍ଦେ,

ଲଗାନ୍ତି ଯେ ଗୋଳ ॥ ସନ୍ଧ୍ୟା ନ ତର୍ପି ପୁଣି ନ ତର୍ପି ଛଳକେ ।
ଆମ୍ଭଧର୍ମ ମୂଳ ବୋଲି ବୋଲୁଥାନ୍ତି ଥୋକେ ॥ ସ୍ଫଟିକରମାଳା ଭଜ
ବିପିବେ ହରଣେ । ସନ୍ଧ୍ୟାଦାତତ୍ତ୍ୱ ବୁଝିବା କଥା ଥାଉ ତେଣେ ॥
ଯତ୍ନେ କଣ୍ଠ୍ୟବନସନ୍ତ ଛଳନ୍ତକୁ ଜାଣି । ରୁଦ୍ରମେ ବୈଷ୍ଣବ ହୋଇ
ସଂସାରକୁ ଜନ୍ତି ॥ ସନ୍ଧ୍ୟା ଧର୍ମକୁ ନିନ୍ଦା କଲେ ଯେତେ ପାପ । ତାହା
ଅମ୍ଭେ ତୋ ଅଗ୍ରେ କହୁଛୁ ସ୍ୱରୂପ ॥ ଜୀଇଥିଲେ କଷ୍ଟ ମଲେ ପଡ଼ନ୍ତି
ନରକେ । ଆଉ ଯେତେ ଦୋଷ ତହୁଁ କହୁଅଛୁ ଥୋକେ ॥ ଶିବ
ନିର୍ମାଲ୍ୟ ନ କରି ଭୁଞ୍ଜନ୍ତି ଯେ ଅନ୍ନ । ଶିଷ୍ୟ ଅନୁକ୍ରମେ ଯେହୁ ନ ଦିଅନ୍ତି
ଦାନ ॥ ନିଜଶକ୍ତି ଅନୁସାରେ ନ ବଞ୍ଚେ ଯେ କାଳ । ଜୀବପୋଷି ନାଶ-
କରେ ଯେବଣ ଶୃଗାଳ ॥ ଧନଲୋଭେ ସ୍ତ୍ରୀଙ୍କ ଯେ ପରେ କରେ
ଦାନ । ନିଜ ଧର୍ମ କର୍ମ ବଳ ନାଏ ତହୁଁ ଧନ ॥ ଦୁଃଖ ଦେଖି ନ ପ୍ରାଣୀଙ୍କ
ନ କରେ ଯେ ଦୟା । ବିଶ୍ୱାସ ଦେଖାଇ ଜନେ କରେ ଯେହୁ
ମାୟା ॥ ବ୍ରାହ୍ମଣଙ୍କ ବ୍ରତଅଂଶ ଭାଙ୍ଗନ୍ତି ଯେ ପ୍ରାଣୀ । ସାଧୁଙ୍କୁ
ନିନ୍ଦା କରି ଯେ କହେ କଟୁ ବାଣୀ । ଗୁରୁଙ୍କୁ ନ ମାନି ଯେ
ଦକ୍ଷିଣା ନ ଦିଅନ୍ତି । ପରର ପଦାର୍ଥ ଯେହୁ ଚୋରି କରି ନିଅନ୍ତି ॥
ମାନବା ସ୍ତ୍ରୀଙ୍କି ଯେହୁ କରେ ପରିହାସ । ଶାସ୍ତ୍ର ଶୁଣି ବକ୍ତାକୁ
କହେ ଯେ କୁଭାଷ ॥ ଦାନବୃତ୍ତି ମାନି ହରି ନଅନ୍ତି ଯେ ଜନ । ଭାଙ୍ଗଇ
ଯେ ପର ଧର୍ମ କହେ କୁବଚନ । ସୂର୍ଯ୍ୟଉଦେ ଅସ୍ତରେ ଯେ ବେଳଥର
ଭୁଞ୍ଜେ । ତକ୍ଷୀର କଥାରେ ଯେହୁ ପିତା ମାତା ଗଞ୍ଜେ ॥ ଆପଣା ସ୍ତ୍ରୀ ଥାଉଁ
ଯେ ରମେ ପରସ୍ତ୍ରୀଙ୍କ । ବ୍ରାହ୍ମଣ ହୋଇଣ ଯେବେ ଅକର୍ମ ଆଚରି ॥
ଅଥବା ବ୍ରାହ୍ମଣୀ ଯେହୁ ହରଣ କରଇ । ମାତୃହରଣ ଦୋଷକୁ ସେ
ପାପୀ ଲଭଇ ॥ କୁଜନଙ୍କ ସଙ୍ଗେ ଯେହୁ ବସେ ତରହନ । ଅତଃଅସ୍ତ ଯା
ଘରୁ ଯାନ୍ତି ନିରାଶ ହୋଇଣ ॥ ବିଶ୍ୱାସିଜନଠାରେ ଯେ ଅବିଶ୍ୱାସ
ହୋଇ । ଅସ୍ୱାଧାତଜ୍ଞା ହୋଇଣ ଯେ ପ୍ରାଣୀ ମରଇ ॥ ବ୍ରାହ୍ମଣ ହୋଇ
ଯଦ୍ୟପି ହରଇ ଶୂଦ୍ରାଣୀ । ନ ପାବନ୍ତି ପିତୃଲୋକେ ତାହା ହସ୍ତେ ପାଣି ।

ଦୋଷକୁ ଅର୍ଜି ସ୍ୱାଦସେ ନ୍ୟୂନ ଯେ କରେ । ତାହାର ଉଦରେ ମଧ୍ୟ ବ୍ୟାଧି ଜାଣ ଧରେ । ବେଶ୍ୟା ସଙ୍ଗତେ ପୀରତି କରଇ ଯେ ଜନ । ରତ୍ନୋବତୀ ନାହିଁକି ଯେ କରଇ ହରଣ । ବଡ଼ଶୀ ଫୋଇ ଜଳୁ ମୀନ ଯେ ମାରନ୍ତି । ଭୁଞ୍ଜାଇ ବସାଇ ଯେହ୍ନେ କୂଟେ ବିଷଦ୍ୟନ୍ତି ॥ ରାତ୍ରି କାଳରେ କଣ୍ଟକ ପକାନ୍ତି ଯେ ବାଟେ । ମଳମୂତ୍ରକୁ ତେଜନ୍ତି ଯେ ଗାଧୁଆତୁଠେ ॥ ଶରଣ ପଶିଲେ ତାକୁ ଯେ ନ କରେ ରକ୍ଷା । ଯଜ୍ଞାଗଦନ ଲେଖି ଯେ ନ ଦିଅନ୍ତି ବସ୍ତ୍ର ॥ ଶ୍ରେଷ୍ଠଜାତି ହୋଇ ଯେହ୍ନେ କରେ ସୁରାପାନ । ମୃତ୍ତିକା ନ ଦେଇ କରେ ଶଉଚ ବିଧାନ ॥ କଉଡ଼ି ନେଇ ଯେ ମାପିହଏ କମ କରି । ଅନ୍ନଦ୍ୱାରେ ନ ରହେ ଯେ ବୃତ୍ତିନଷ୍ଟା ଧରି ॥ ଶ୍ରୀଗୁରୁ ଗୋସାଇଁ-ଠାରେ କରେ ଯେହ୍ନେ କ୍ରୋଧ । ପୁତ୍ର ଯେବେ ଥାଇଁଣ ନ କରେ ପିତୃ ଶ୍ରାଦ୍ଧ ॥ ସୁବେଦୀ ବ୍ରାହ୍ମଣଙ୍କୁ ଯେ ଦିଏ ଅପମାନ । ବୈଷ୍ଣବ ସାଧୁଙ୍କ ଦ୍ରବ୍ୟ ଯେ କରେ ହରଣ ॥ ଗୁରୁସ୍ତ୍ରୀର ବଚନକୁ ଭାଙ୍ଗେ ଯେଉଁ ନାରୀ । ଗୁରୁ ଗୋବିନ୍ଦର ନାମ ମୁଖେ ନ ଉଚ୍ଚାରି ॥ ବିଷ୍ଣୁ ପୁରାଣ ଶ୍ରବଣେ ଯେ ବିଷ ମଣନ୍ତି । ତୁଳସୀ ବୃକ୍ଷକୁ ଯେହ୍ନେ ଗୃହେ ନ ସ୍ଥାପନ୍ତି । ବାଳକ ଦେହରୁ ଯେହ୍ନେ କାଢ଼ି ନିଏ ଧନ । ଗୁରୁଠାରେ ଦ୍ରୋହ କରେ ଯେବଣ ଦୁର୍ଜନ ॥ ବଭା ହୋଇ କନ୍ୟାକୁ ଯେ ଛଡ଼େ ଅଦୋଷରେ । ଅନୁଚିତ ଖତ ଯେହ୍ନେ କହେ ରାଜଦ୍ୱାରେ ॥ ବିଷ୍ଣୁ ଭକ୍ତ ଜନଙ୍କୁ ଯେ ଅଦୋଷରେ ଦଣ୍ଡେ । ହରିନାମ ବେଳେ ଯେହ୍ନେ ନ ବୋଲଇ ତୁଣ୍ଡେ ॥ ଉଚିତ ହେବା ଅଶାରେ ଯେ ଛଡ଼େ ନିଜ ଜାତି । ଯେ ପ୍ରାଣୀ ଦାନ ଦେଇଣ ସର୍ବଦା ବଞ୍ଚନ୍ତି ॥ ଏତେକ ପାତକ ଲଭେ ଜାଣ ଯେହ୍ନେ ଜନ । ଯେ ସର୍ବଦା ନିନ୍ଦା କରେ ଅହୋ ଅରଜୁନ ॥ କହିଲୁଁ ତୋ ଅଗ୍ରେ ଅମ୍ଭେ ସକଳ ବିସ୍ତାରି । ଦୀନକୃଷ୍ଣ ପ୍ରଭୁଙ୍କର ପାଦ ସେବାକାରୀ ॥

ଇତି ଶ୍ରୀ ନାମରତ୍ନଗୀତାୟାଂ ଶ୍ରୀହରିଅର୍ଜ୍ଜୁନସମ୍ବାଦେ ସର୍ବଦା ନିନ୍ଦାଫଳନିର୍ଣ୍ଣୟୋ ନାମ ଅଷ୍ଟଷଷ୍ଟିତମୋଽଧ୍ୟାୟଃ ।

ଊନସପ୍ତତିତମ ଅଧ୍ୟାୟ ।

ଅର୍ଜୁନ କହିଲେ ଅହେ ଦେବ ଚକ୍ରଧର । ପାଦ ଗୋଟଏ ଚିହ୍ନେ ଛାତିରେ ତୁମ୍ଭର ॥ ଏହା ଦେଖି ମୋ ମନରେ ହୋଇଛି ସନ୍ଦେହ । ସେ ଚିହ୍ନ କିପାଇଁ ତୁମ୍ଭେ ବହିଅଛ କହ । ଗୋବିନ୍ଦ ବୋଇଲେ ପାର୍ଥ ଶ୍ରୀବତ୍ସ ବ୍ରାହ୍ମଣ । ପାଦେକ ମାଇଲା କୋପେ ଛାତିରେ ମୋ ଜାଣ । ସେହି ଚିହ୍ନ ବହିଅଛି ନ ଯାଇ ଯେ ଲିଭି । ଅର୍ଜୁନ କହଇ ପୁଣି ମନମଧ୍ୟେ ଭାବି ॥ ଶ୍ରୀବତ୍ସ ବ୍ରାହ୍ମଣ ଏଏ କାହାର କୁମର । ସେ କିପାଁ କଲା ଛାତିରେ ଚରଣ ପ୍ରହାର । କେଉଁ ଦିନ କଲା ତାହା ନ କହିଲ ମୋତେ । ଧରଅଣି ଦଣ୍ଡିଆନ୍ତି ମୁଁ ତୁମ୍ଭ ଅଗ୍ରତେ ॥ ଶ୍ରୀହରି ବୋଇଲେ ପାର୍ଥ ଏ ଯୁଗରେ ନୁହେ । ଅପାର କାଳର କଥା ଶୁଣ ଏବେ କହେ । କହୁଅଛି ଅତି ସତ୍ୟଯୁଗର ପ୍ରସଙ୍ଗ । ପ୍ରଜାପତି ନାମେ ବ୍ରହ୍ମା କଲେ ମହାଯାଗ ॥ ଅଗ୍ନିରେ ଦିଅନ୍ତି ଋଷିଯାକ ମିଳି ହବି । ଅର୍ଘ୍ୟଥାଳି ଘେନି ପ୍ରଜାପତି ମନେ ଭାବି ॥ କାହାକୁ ମୁଁ ଆଗ ଅର୍ଘ୍ୟ ଦେବି ସର୍ବେ ତପୀ । ଅଠାଅଶୀ ସହସ୍ର ଯେ ଋଷି ମହାକୋପୀ ॥ ଜଣକୁ ଦେଲେ କହିବେ ସିନା ସେହି ଗୋଳ । ଏତେକ ପାଞ୍ଚି ଥୋଇଲେ ଥାଳି ଭୂମିତଳ ॥ ରଖନ୍ତେ ଅର୍ଘ୍ୟକୁ ଟେକିଲ ଜନ୍ତୁବୃଷ୍ଟି ହସି । ବୋଇଲେ ବଶିଷ୍ଠ ଋଷି ଥାଉଁ ଉଚିତ ବଶୀ । କିପାଇଁ ଥାଳି ଥୋଇଲ ଅହେ ପ୍ରଜାପତି । ବୁଝିଲେ ବଶିଷ୍ଠଋଷି ବ୍ରାହ୍ମଣ ଅଟନ୍ତି ॥ ନାରଦ ବୋଇଲେ ତାଙ୍କୁ କିପାଁ ଅର୍ଘ୍ୟ ଦେବ । ବେଶ୍ୟା ପୁତ୍ର ହୋଇ ବଡ଼ କେମନ୍ତେ ହୋଇବ ॥ ନୋହିଲା କଥା ସଭାରେ କହ କିବୁ ଅଣି । ମହତ ସଭ ଲୁଣ୍ଠାଉ ଅଛ ଭୂଲପାଣି ॥ କିବୁ ବୋଇଲେ ସଭାରେ ଅଛନ୍ତି ବସି । ଉତ୍ତମ ଜାତି ଅଟନ୍ତି ଏହି ଶକ୍ତି ଋଷି । ଏହାଙ୍କୁ ଅର୍ଘ୍ୟ ଦେଲେତ ଦୋଷ ହେବ ନାହିଁ । ନାରଦେ ବୋଇଲେ ଶ୍ରେଷ୍ଠ ନୁହନ୍ତି ତ ସେହି । ଚଣ୍ଡାଳୀ କନ୍ୟା ଗର୍ଭରୁ ଅଛନ୍ତି ଜନମି । ଏ ବୋଲି

ତାହାଙ୍କୁ ଅର୍ଘ୍ୟ ଦେବ ପାଦେ ନମି ॥ ଶୁକ ବୋଇଲେ ଏ ପରାଶରଙ୍କୁ ଯେ ଦଅ । ବୁଝିଲେ ଅଟନ୍ତି ପ୍ରତ୍ୟକ୍ଷେ ଏ ବ୍ରହ୍ମମୟ ॥ ନାରଦେ ବୋଇଲେ ଏହା କହୁଛ କେମନ୍ତେ । ଖବଟି କନ୍ୟା ଗର୍ଭରୁ ଜନମି ସାକ୍ଷାତ । ଜାଣ ଜାଣୁ ଅର୍ଘ୍ୟ ଦେଉଛ ତାହାଙ୍କୁ କପଟ । ନୋହିଲା କଥାକୁ ଅଣି କହ ତପସ୍ୱୀ ॥ ଶୁକ ବୋଇଲେ ବ୍ୟାସଙ୍କ ପାଦେ ଅର୍ଘ୍ୟ ଦଅ । ଶୁଣି ନାରଦେ ହସିଲେ ହୋଇ ଟହ ଟହ ॥ ଶୁକ ବୋଇଲେ ହେ ମୁନି ହସିଲ କପାଇଁ । ବେଦବ୍ୟାସ ଋଷି ବିଷ୍ଣୁ ସମାନ ଅଟଇ ॥ ଲକ୍ଷ୍ମ ଆଦ୍ୟ ପାଦରୁ ସେ ଯେବେ ଜନ୍ମିଥାନ୍ତେ । ବିଷ୍ଣୁ ଅବତାର ଆଉ କାହିଁକି ହୁଅନ୍ତେ ॥ ନାରଦେ ବୋଇଲେ ଅର୍ଘ୍ୟ ନ ଯୋଗାଇ ତାଙ୍କୁ । ନୋହିବାର କଥାଯାକ କହୁଛ ଅମ୍ଭଙ୍କୁ ॥ ବୁଝିଲେ ବ୍ୟାସ ଅଟନ୍ତି କଇବର୍ତ୍ତୀପୁତ୍ର । ତାଙ୍କୁ କି ବୋଲି ବୋଲୁଛ ଦେବା ଅର୍ଘ୍ୟପାତ୍ର ॥ ସବୁ ଋଷିଙ୍କର ଜାତି କେହ୍ନାକୁ କହ କି । ଆମ୍ଭ କହିବା ବଚନ ଗୋଟି ପାଳିବ କି ॥ ଯାହାଙ୍କୁ ଅର୍ଘ୍ୟ ଦେବା ତା କହିବା ହେ ଶୁଣ । ଅଟନ୍ତିତ ବ୍ରହ୍ମା ବିଷ୍ଣୁ ଶିବ ତିନିଜଣ ॥ ଏ ତିନି ମୂର୍ତ୍ତି ବିଗ୍ରହ ଆଗେ ଅର୍ଘ୍ୟ ଦଅ । ନାରଦଙ୍କ କଥା ଶୁଣି ବେଦବ୍ୟାସ ପୁଅ ॥ ଶୀଘ୍ରେ ତା ନାମ ସେହି ବ୍ୟାସ ଜ୍ୟେଷ୍ଠ ବୋଲି । ତପ ଜପେ ପରିପୂର୍ଣ୍ଣ ଯୋଗେ ଅନର୍ଗଳା ॥ ବଣ କଥା ଶୁଣି କୋପେ ହୋଇ ତମ ତମ । ବୋଇଲେ ଏ ସଭା-ଯାକ ମୁନିଙ୍କ ଉତ୍ତମ ॥ ନାରଦ ମୁନି ସ୍ୱଭାବ ଜାଣନ୍ତି ସକଳେ । ଆପଣା ମର୍ମ ନ ଖୋଲ ପର ମର୍ମ ଖୋଲେ ॥ ବୋଇଲେକି ଶୁଣ ହେ କଳହପ୍ରିୟ ମୁନି । ନୋହିଲେ ବୁଲନ୍ତି ତୁମ୍ଭେ କଳି ମୁଣି ଘେନି ॥ କାଖେ କଳି ଯୋକଡ଼ି ଯେ ମୁଖେ କଳି କର । ଦିନେକେ ଲଗାଅ କଳି କୋଡ଼ିଏ ହଜାର ॥ ନୋହିଲା କଥାଯାକ ହୋଇଲା ବୋଲି କହ । କଳି ନ ଲାଗିଲେ ଶୁଖିଯାଏ ତୁମ୍ଭ ଦେହ ॥ କଳି ଲଗାଇ-ଦେଇ ଯେ ଦୂରସ୍ଥାଇ ଦୂରେ । ମୁଣି ଝାଡ଼ିଦେଇ ନୃତ୍ୟ କର ଆନ-ନ୍ଦରେ ॥ ତୁମ୍ଭରମାନ୍ତ୍ର ଏତିକି ବଳ୍ପଣ ଅଛି । ତେଣୁ ଏ ସଭାରେ

ତୁମ୍ଭେ ଦେଉଅଛ ବାଛୁ ॥ ଆମ୍ଭବଂଶ କରଣୀକ ଦେଖାଉଛ ଏବେ । ବେଲରେ ମୁହିଁଙ୍କୁ ବନ୍ଦୀ କରିବ ଯେ ସର୍ବେ ॥ ବ୍ୟାସ ଯେ ଆମ୍ଭର ବାପ ଯେହ୍ନ କୁଳଶ୍ରେଷ୍ଠ । ତାଙ୍କ ପିତା ଶକ୍ତି ତାଙ୍କ ପିତା ଯେ ବଶିଷ୍ଠ ॥ ବଶିଷ୍ଠଙ୍କ ପିତା ଯେ ଅଟନ୍ତି ଦେବବ୍ରହ୍ମା । ବ୍ରହ୍ମାଙ୍କର ବାପ କେହ୍ନ କହତ ଶୁଣିମା ॥ ଏତେ ମାତକୁଳେ ବ୍ରହ୍ମା କାହିଁକି ଜନ୍ମିଲ । ବିପ୍ର କୁଳକୁ କଳଙ୍କ ବ୍ରହ୍ମା ତେବେ କଲ ॥ ବ୍ରହ୍ମାଙ୍କୁ ଯାଉଛି ଆଗ ପଚାରି ଆସିବି । ଶ୍ରୀବତ୍ସ ଏପରି ତର୍କ କରନ୍ତେଣ ତହିଁ । ନାରଦେ ବୋଇଲେ ଏତେ ଛଳ ଯେବେ କଲ । ଅଜ୍ଞଯାଏ କାହିଁକି ନ ପୁଚ୍ଛ ତୁମ ହେଲ ॥ ଶୁଣି ଶ୍ରୀବତ୍ସ ବ୍ରାହ୍ମଣ ଗଲ୍ଲ କ୍ରୋଧ ହୋଇ । ବ୍ରହ୍ମାଙ୍କ ପୁରେ ମିଳିଲ ଅତି ଶୀଘ୍ର ଯାଇ ॥ ଦେଖିଲେକ ପିତାମହ ସ୍ନାନ ସନ୍ଧ୍ୟା ସାରି । ଜପନ୍ତି ଗାୟତ୍ରୀମନ୍ତ୍ର ହୃଦେ ଧ୍ୟାନ କରି ॥ ଏମନ୍ତ ସମୟେ ଯାଇ ଶ୍ରୀବତ୍ସ ମିଳିଲ । ବ୍ରହ୍ମାଙ୍କ ପଶ୍ଚାତେ ପଡ଼ି ଶୋଇ ଜଣାଇଲା ॥ ପୁଣି ଉଠି ଅପସରି ରହି ବ୍ରହ୍ମଋଷି । ନ ଶୁଣିଲେ ବ୍ରହ୍ମା ତାହା ଜପେ ଛନ୍ତି ବସି ॥ ଦେଖି ଶ୍ରୀବତ୍ସ ବ୍ରହ୍ମାଙ୍କୁ କଲ ମହାକୋପ । ବୋଇଲ ମର୍ତ୍ତ୍ୟରେ ପୂଜା ନୋହୁ ତୋର ରୂପ ॥ ଆଜିଠାରୁ ପୂଜା କେହି ନ କରନ୍ତୁ ତୋତେ । ମୋ ଶାପେ ଅପୂଜା ହୋଇ ରହ ତୁ ଜଗତେ ॥ ମୁଁ ଯେ ଏତେ କ୍ରୋଧ ହୋଇ ଆସିଲଇଁ କହି । ତୁ ତାହାକୁ ନ ବୁଝିଲୁ ଧାତା ପଦ ବହି ॥ ଯାଉଛି ହୋ କଥା ହରି ଆଗେ ଜଣାଇବି । ତାଙ୍କଠାରୁ ନ୍ୟାୟ ଶୁଣି ବାହୁଡ଼ି ଆସିବି ॥ ଏତେକ ବୋଲି ଶ୍ରୀବତ୍ସ ଗଲେ କଇଳାସ । ଦେଖିଲେ ପଡ଼ିଛନ୍ତି ହର ଉମା ଖେଳରସ । ଶ୍ରୀବତ୍ସ ମୁନି ବସିଲେ ଯାଇ ଖେଳ ପାଶେ । ଆପଣା ବଂଶର କଥା କହିଲେ ବିଶେଷେ ॥ ସେହି କଥାଯାକ କିଛି ନ ଶୁଣିଲେ ହର । ଖେଳର ହୋଲେ ବୋଇଲେ ପୁଣି ମାର ମାର ॥ ତାହା ଦେଖି ଋଷି ଶାପ ଦେଲେ କ୍ରୋଧ ବହି । ମର୍ତ୍ତ୍ୟଂକେ ଶିବ ନିର୍ମାଲ୍ୟ ନ ଭୁଞ୍ଜନ୍ତୁ କେହି । ଏତେକ ବୋଲି ସେଠାରୁ ବୈକୁଣ୍ଠକୁ

ଗଲେ । ଅମ୍ଭ ସନ୍ନିଧିରେ ଯାଇଁ ମୁନି ଉଭାହେଲେ ॥ ଦେଖିଲେ ସେ ନିଦ୍ରାଯାଇଅଛୁଁ ଅମ୍ଭେ ତହିଁ । ଶଙ୍ଖ ଚକ୍ର ଗଦା ପଦ୍ମ ଚତୁର୍ଭୁଜେ ବହି । ଅମ୍ଭଙ୍କୁ ନିଦ୍ରିତ ହେବା ଦେଖି ମହାମୁନି । ମନରେ ପାଞ୍ଚିଲେ ଏତ ପ୍ରଭୁ ଅନ୍ତର୍ଯ୍ୟାମୀ ॥ ଅମ୍ଭର ଆସିବା କଥା କରିବେ ଏ ସିଦ୍ଧି । ଭବ ତରିବାକୁ ପର ନୋହେ ବନ୍ଧୁ ବୁଦ୍ଧି ॥ ସକାଶେ ଅମ୍ଭେ ବନ୍ଧୁଙ୍କୁ ଦେଇଅଛୁଁ ଭାବ । କରନ୍ତି ଏ ପ୍ରତୀକାର ସକଳ ପ୍ରାଣିଙ୍କି ॥ ନ କହିଲେ ଜାଣନ୍ତି ନ ଶୁଣନ୍ତି କହିବେ । ପ୍ରାଣିଙ୍କର ମନ ଜାଣି ଦେଉଥାନ୍ତି ଭଲେ । ଅନ୍ତର୍ଯ୍ୟାମୀ ହୋଇ ଥାନ୍ତି ସବୁରି ଅନ୍ତରେ । ନିଦ୍ରାରୁ ଉଠି ଅମ୍ଭଙ୍କୁ କହିବେ ସତ୍ୱରେ ॥ ନାରଦ ବୋଲେ କରଣକୁ ଯିବି ଯାଉ । ପ୍ରଭୁ ଆଜ୍ଞା ଦେଲେ ଭେଟ ଦେବି ଅମ୍ଭେ ତାଙ୍କୁ ॥ ଅମ୍ଭର କରଣୀବଳ କେତେ ଯେମା ଅଟେ । କରଣୀ ନ ଥିଲେ ଅମ୍ଭ ନ ଦେଖଇ ପଟେ ॥ ଏଥକୁ କରୁଣା ନିଷ୍ଠେ କରିବେଟି ପ୍ରଭୁ । କେତେ ଜନ୍ମ ଉଦ୍ଧାରୁ ସେ ଜାଣିବେ ନା ସବୁ ॥ ମୋହର ମାନ ମହିମା ରଖିବେ ସେ ହରି । ସଖାକୁ ହେଲେ ସେ ପ୍ରଭୁ ଯିବେ ବଜେ କରି । ଏରୂପେ ମନରେ ପାଞ୍ଚି ଶ୍ରୀବତ୍ସ ବ୍ରାହ୍ମଣ ॥ ବ୍ୟାକୁଳ ହୋଇ କହିଲେ ଶ୍ରମୁରେ ବହିଣ ॥ ମୋ କଥା ଶୁଣିବା ହେଉ ହେ ପ୍ରଭୁ ମୁକୁନ୍ଦ । କାହିଁକି ମୋର ବଂଶକୁ ନିନ୍ଦିଲେ ନାରଦ । ତେଣୁ ଭୟ ଆସିଛି ମୁଁ ଆପଣଙ୍କୁ ନେଇ । ପ୍ରଜାପତି ଯାଗ ଯାଏ ଯିବା ଦୟା ବହି ॥ ମୁନିଙ୍କ ବ୍ୟାକୁଳ ଶୁଣି ଅମ୍ଭେ ତହିଁ ପୁଣ । କପଟରେ ନିଦ୍ରାଗଲୁଁ ସୁଖେ ପଲଙ୍କେଣ ॥ ଅମ୍ଭ ନିଦ୍ରା ଦେଖି ମୁନି ବ୍ୟାକୁଳ ହୋଇଲେ । ପଞ୍ଚମସ୍ୱରରେ ବସି ବେଦ ଉଚ୍ଚାରିଲେ । ଉଚ୍ଚ କରିଣ ଟେକନ୍ତେ ବସ୍ତୁ ବେଦଧ୍ୱନି । ନ ଶୁଣିଲ୍ଲୁ ପ୍ରାପ୍ତ ଅମ୍ଭେ ହୋଇଲୁଁ ଯେ ଭୁନି ॥ ଅମ୍ଭେ ନ ଉଠିବା ଦେଖି କୋପେ ମୁନିବର । ବୋଇଲେ ନୁହନ୍ତି ଅନ୍ତର୍ଯ୍ୟାମୀ ଏ ଠାକୁର । ଠାକୁର ହୋଇଲେହେଁ ନିଶ୍ଚେ ଜାଣନ୍ତେ ମୋ ଦୁଃଖ । କଥା ଏ କହ୍ନୁ ହୋଇଲେହେଁ କହନ୍ତେ ଶ୍ରୀମୁଖ ॥ ଯାହା ହେଲେ ହେଉ

ଯତ୍ନେ ମାରବ ଯେ ମାତଙ୍ଗ । କର୍ମ ଆଦର ରହିବ ସଙ୍ଗେ ମନ ଦୃଢ଼େ ॥ ଏତେ ବୋଲି ସେ ଦକ୍ଷିଣ ପାଦକୁ ଟେକିଲା । ଚିହ୍ନ ଯେ ଅମ୍ଭ ହୃଦେ ବିପ୍ରପାଦ ପ୍ରହାରିଲା । ପାଦ ବାଜନ୍ତେ ଯେ ଉଠି ବସିଲୁଁ ଚଅଙ୍କି । ଚାହିଁଲୁ ଚାରି ଅଡ଼କୁ ନାହାନ୍ତି ଯେ କେହି ॥ ଦେଖିଲୁଁ ପାଖରେ ଏଠା ଅଛନ୍ତି ବ୍ରାହ୍ମଣ । ପୁଚ୍ଛିଲୁଁ କେତେବେଳରୁ ଆସିଲେ ଆପଣ ॥ ବିପ୍ର ଗୋସାଇଁମାନଙ୍କ ଅଛପାଏ ମୁହିଁ । ଦର୍ଶନ କରୁ ନ ଥିଲି ନିଦ୍ରା ଥିଲି ଯାଇ ॥ କେତେ ଭାଗ୍ୟ ହେଲା ମୋର ବଢେ କଲ ଆସି । ପ୍ରତ୍ୟକ୍ଷେ ଦେଖିଲା ମୋର ନେତ୍ର ବ୍ରହ୍ମ ଋଷି ॥ ଏରୂପେ ପ୍ରଶଂସା କରୁ କହିଲୁ ଅନେକ । ପାଦ ଧୋଇ ଦେବା ପାଇଁ ଆଣିଲୁ ଉଦକ ॥ ଲାଜପାଇ ଦ୍ୱିଜବର ପଳାଇଲା ଡରି । ଅହେ ଧନଞ୍ଜୟ ଅମ୍ଭେ ତାହା ଦେଖିକରି ॥ ଧାଇଁଯାଇ ସେ ବିପ୍ରଙ୍କୁ ଧରିଆଣି ବଳେ । ଚରଣ ଦୁଇ ଚାପିଲୁ ଧୋଇ ଦେଇ ଜଳେ ॥ ସେ ବିପ୍ର ପାଦ ଉଦକ ଗର୍ଭେ ଦେଲୁଁ କ୍ଷେପି । କିଞ୍ଚିତ ଜଳ ମଥାରେ ଦେଲୁ ଅମ୍ଭେ ଲେପି । ଲେଉଟି ଧରି ଆଣିଲୁ ବିପ୍ର ପାଦତଳେ । ଦେହ ଯାକ କୋଳ ହେଲୁ ହେ ପାଣ୍ଡୁ ଅମ୍ବଜ ॥ କର୍ପୂର କସ୍ତୁରୀ ଗନ୍ଧ ଶ୍ରୀ କରରେ ଆଣି । ଦେହ ଯାକ ବୋଳି ଦେଇ ବସାଇଲୁଁ ପୁଣି ॥ ଅମ୍ଭର ଏମନ୍ତ ସେବା ଦେଖି ବିପ୍ରବର । ପଳାଇ ପଡ଼ିଲା ଖଣ୍ଡଦୂରେ ଝୁଣ୍ଟିକରି ॥ ଧାଇଁ ଧାଇଁ କରେ ଟେକିଧରି ବିପ୍ର ଗାତ୍ର । ସ୍ୱହସ୍ତେ ଝଞ୍ଜଣୀ ଧରି ଝାଡ଼ିଲୁ ବନ୍ଧୁଗ ॥ ଶ୍ରୀବତ୍ସ ବିପ୍ରଙ୍କ ପାଦ ଶ୍ରୀକରରେ ଆକର୍ଷି । ବୋଇଲୁଁ ଯେ କେତେ କଷ୍ଟ ପାଇଲ ହେ ଋଷି ॥ ବୃହିଲେତ ବଜ୍ରସମ ଅଟେ ଅମ୍ଭ ହୃଦ । ନ ଜାଣି ଦେଲ ବଥାଉଥିବ ତୁମ୍ଭ ପାଦ ॥ କେତେ ଶ୍ରମ ପାଇ ଗ୍ଳାନି ଅସି ଥିବ ଏବେ । ଏତେ ବୋଲି ବିପ୍ର ପାଦ ଘଷିଲୁଁ ସ୍ୱହସ୍ତେ ॥ ବୋଇଲୁଁ ଶ୍ରୀବତ୍ସ ନାମ ତୁମ୍ଭ ଘେନି ମୋର । ତରିବେ ଶ୍ରୀବତ୍ସ ନାମ ଭଜି ନରବର ॥ ତୁମ୍ଭେ ଯେ ଶ୍ରୀବତ୍ସ ବିପ୍ର କୁଳସୁଧାକର । ବଡ଼େ କରୁଣ ପବିତ୍ର କଲ ମୋ ମନ୍ଦିର ॥ ଅମ୍ଭର ଏ ଶାନ୍ତଭାବ ଦେଖି ମୁନିବର । ନମିଲେ ପାଦ

ପଦ୍ମରେ କରି ନମସ୍କାର ॥ ଶାଳେ ମାରୁ ହୋଇ ଦନ୍ତେ କାଟମା-
ଡ଼ିଲେ ଜିଭ । ନ ଚିହ୍ନି ଗୋବିନ୍ଦଙ୍କୁ ମୁଁ ହେଲି ପରାଭବ ॥
ପାଦ ପ୍ରହାରିଲି ମୂର୍ଖପଣେ ପ୍ରଭୁ ହୃଦେ ॥ କେତେ ଯେ ପାପ
ଅର୍ଜିଲି ବିନା ଅପରାଧେ ॥ କି କହିବି ନ ଦିଶଇ ମୋତେ ବୁଦ୍ଧି ବାଟ ।
ବିଷ୍ଣୁ ଠାରେ ଅପରାଧୀ ହେଲି ମୁଁ ପାପିଷ୍ଠ । ହେ ମହାପ୍ରଭୁ ଏମନ୍ତ
ଆଜ୍ଞା ମୋତେ କର । ଏ ଦୁଷ୍ଟ ଆତ୍ମା ମୋ ଯାଉ ଛାଡ଼ି କଳେବର ॥
ଏରୂପେ ଅତି ବ୍ୟାକୁଳ ହୁଅନ୍ତେ ଶ୍ରୀବତ୍ସ । ଜାଣିଲୁ ବିପ୍ରର କଥା
ମନ କର ସ୍ୱଚ୍ଛ । ବୋଇଲେ ଶୁଣିମା ହେଉ ଆହେ ବିପ୍ରମଣି । ତୁମ୍ଭ
ପ୍ରାୟ କୁଳଶ୍ରେଷ୍ଠ ନାହିଁ ଏ ଧରଣୀ ॥ ସମସ୍ତ ଜାତିରେ ବିପ୍ର ଜାତି
କୁଳଶ୍ରେଷ୍ଠ । ବ୍ରାହ୍ମଣଙ୍କୁ ନ ମାନେ ଯେ ସେ ବଡ଼ ପାପିଷ୍ଠ ॥ ସବୁ-
ଜାତି ଦୋଷ କଲେ ଦଣ୍ଡମଣ୍ଡ ଅଛି । ବିପ୍ର ଦୋଷ କଲେ ଦଣ୍ଡି ନ
ପାରେ ବିରଞ୍ଚି ॥ ବିଷ୍ଣୁ ହେଲେହେଁ ବିପ୍ରଙ୍କୁ ନ ପାରେ ମୁଁ ଦଣ୍ଡି ।
ମହାପାପ ବିପ୍ରଏକା ପାରଇ ଯେ ଖଣ୍ଡି ॥ ଏଥିକୁ ହେ ମୁନି ଭୟ
କଦାପି ନକର । ବହିବି ମୁଁ ତୁମ୍ଭ ପାଦ ଚିହ୍ନ ହୃଦୟର । ଅଷ୍ଟାଦଶ
ଚିହ୍ନରେ ସେ ଚିହ୍ନ ଲେଖାଯିବ । ଭକ୍ତଙ୍କୁ ମୋର ୧୯ଟିକ ଚିହ୍ନ ଦିଶୁ-
ଥିବ ॥ ବିପ୍ରଙ୍କର ପାଦରଜ ଅଳ୍ପ ନୋହେ ଜାଣ । ଯା ଗୃହେ ପଡ଼େ
କରେ ତା ବଂଶକୁ କାରଣ ॥ ଯାବତ ମଙ୍ଗଳ ଆସି ମିଳଇ ଯେ ତାକୁ ।
ଦେହ ଅନ୍ତେ ସେହି ଲୋକ ଚଳଇ ସ୍ୱର୍ଗକୁ ॥ ଯେ ଜନ ଚିତ୍ତ ନିର୍ମଳ
କରି ଜାଣ ନିତ୍ୟେ । ବ୍ରାହ୍ମଣର ପାଦରଜ ଘେନନ୍ତି ଶିରଗ୍ରହେ ॥
ତାହାର ଦେହରେ କ୍ଲେଶମାନ ନ ରହଇ । ଆମ୍ଭର ଦୟା ତାହାକୁ
ଅନୁକୂଳେ ଥାଇ ॥ ଆବର ମଧ କହୁଅଛୁ ଶୁଣ ମୁନିବର । ବିପ୍ର ପାଦରଜ
ଘେନି ବନ୍ଦ୍ୟ ମୋ ଶରୀର ॥ ଏଥିକୁ ନ କର ବିପ୍ର ମନେ ଆଉ ଶଙ୍କା ।
ବିପ୍ରଙ୍କ ଲାଗି ସଂସାରେ ଜନମଇ ଏକା ॥ ବିପ୍ରଙ୍କ ଆଶିଷ ମୋର
ହୃଦେ ଛନ୍ତି ଶିଷ । ତେଣୁ ମୋତେ ଶ୍ରୀଯୁକ୍ତାନ୍ତ ବୋଲନ୍ତି ତ୍ରିପୁରୀ ॥
ଏତେକ କହି ବିପ୍ରଙ୍କୁ ଆମ୍ଭେ ଘେନି ସଙ୍ଗେ । ଗରୁଡ଼ ପିଠିରେ ବସି

ଚଳଗଲୁଁ ବେଗେ । ମୁନଙ୍କର ବେନିପାଦ ପଦ୍ମକରେ ଧରି । ଅର୍ଘ୍ୟ ଦେଲୁଁ ବଥାଉକ୍ତବ ବୋଲ୍ କରି । ଯେତେକ ଋଷି ପ୍ରଜାପତି ଯାଗର ବସିଥିଲେ । ଶ୍ରୀବତ୍ସ ମୁନଙ୍କୁ ସବେ ଧନ୍ୟଧନ୍ୟ କଲେ ॥ ବୋଇଲେ ବଶିଷ୍ଠ ବଂଶ ଯେବେ ନୁହେ ଶ୍ରେଷ୍ଠ । ବଶିଷ୍ଠ କେସନେ ବନ୍ଦନ୍ତେ ମୁନ ପାଦ ପୃଷ୍ଠ ॥ ଏତେକ ବୋଲି ମୁନଙ୍କୁ କଲେ ସବେ ସ୍ତୁତି । ଅମ୍ଭେ ବୋଇଲୁଁ ନାରଦ ଅଟେ ବ୍ରହ୍ମପତି ॥ ବ୍ୟାସଙ୍କର ବଂଶ ତୁମ୍ଭେ କହିଲ କପାଇଁ । ରଜତରେ ବ କାର୍ଯ୍ୟ ଶାର୍ଯ୍ୟ ବ୍ରହ୍ମ ଯେ ଅଟଇ ॥ ବ୍ରହ୍ମ ପ୍ରକାଶେ ଯାବତ ଜୀବ ହୁଏ ଜନ୍ମ । ବର୍ଣ୍ଣଭେଦ ଉଚ୍ଚ ନୀଚ ହୁଅନ୍ତି ଯେ ଜନ । ବ୍ରାହ୍ମଣ ଶାର୍ଯ୍ୟରୁ ଜାତ ହୁଅନ୍ତି ବ୍ରାହ୍ମଣ । ଏଥିରେତ ସ୍ୱୟଂ ବ୍ରହ୍ମ ଦେବ ନାରାୟଣ । ନାରାୟଣଙ୍କ ନାଭିରୁ ବ୍ରହ୍ମା ଉତପତ୍ତି । ବ୍ରହ୍ମାଙ୍କ ଶାର୍ଯ୍ୟରୁ ଜାତ ବଶିଷ୍ଠ ଯେ ଯତି ॥ ବଶିଷ୍ଠ ଋଷିଙ୍କ ପୁତ୍ର ଶକ୍ତି ମହାମୁନ । ଶକ୍ତି ଋଷିଙ୍କର ପୁତ୍ର ପରାଶର ଜ୍ଞାନୀ ॥ ପରାଶର ଶାର୍ଯ୍ୟ ଜାତ ହେଲେ ବେଦବ୍ୟାସ । ଯେ ବ୍ୟାସ ଅଟନ୍ତି ଜାଣ ନାରାୟଣ ଅଂଶ ॥ ବ୍ୟାସମୁନଙ୍କର ପୁତ୍ର ଏ ଶ୍ରୀବତ୍ସ ମୁନ । ହୃଦେ ବହନ୍ତି ମୁଁ ତାଙ୍କ ପାଦ ଥାଥ ଚହ୍ନି ॥ ଏତେକ ବୋଲି ବସନ କାଢି ଦେଖାଇଲୁଁ । ଶ୍ରୀବତ୍ସ ମୁନଙ୍କ ପାଦ ଦେଖ ହେ ବୋଇଲୁ ॥ ଦେଖିଣ ତା ଋଷି-ଯାକ ଅଚମ୍ଭିତ ହେଲେ । ଶ୍ରୀବତ୍ସ ମହାମୁନଙ୍କୁ ବହୁସ୍ତୁତି କଲେ । ଶ୍ରୀବତ୍ସ ବ୍ରାହ୍ମଣ କଥା ଶୁଣିଲ ହେ ପାର୍ଥ । ଭକତ ମୋହର ବନ୍ଧୁ ମୁଁ ଅନାଥ ନାଥ ॥ ନାମରତ୍ନ ଗୀତାରେ ଏ ଅଟେ ଦିବ୍ୟରସ । ଶ୍ରବଣେ ଭଣିଲେ ଏହା ଶ୍ରୀକୃଷ୍ଣଦାସ ॥

ଇତି ଶ୍ରୀନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ଶ୍ରୀବତ୍ସ ଚରିତ୍ର ବୃତ୍ତାନ୍ତ କଥନେ ନାମ ଊନସପ୍ତତିତମୋଽଧ୍ୟାୟଃ ।

—※○※—

ସପ୍ତତିତମ ଅଧ୍ୟାୟ ।

ଶୁଣି ସଶଙ୍କ ଅର୍ଜୁନ ମନୁ ଗଲା ଛାଡ଼ି । ଶୁଣିଲେକ ଶ୍ରୀମୁଖରୁ ଶ୍ରଦ୍ଧାଁ ପାଣ୍ଡୁ ପଢ଼ି ॥ ଉଠିକରି ଊର୍ଦ୍ଧ୍ୱ ହୋଇ ନାନା ସ୍ତୁତି କଲେ ।

ହରେ ରାମ କୃଷ୍ଣ ତିନ ମନ୍ତ୍ର ଉଚ୍ଚାରଲେ ॥ ଗୋବିନ୍ଦ ବୋଇଲେ ଶୁଣ ବୀରବର ପାର୍ଥ । ଏହି ତିନ ନାମରୁ ଯେ ସବୁ ନାମ ଜାତ ॥ ତେଣୁ ନାମର କେ କର ନ ପାରଇ ଅନ୍ତ । ଏ ତିନି ନାମକୁ ପଢ଼େ ଯେଉଁ ଜନ ନିତ୍ୟ ॥ ସେ ନର ବଦନ ଗୋଠି ସଂସାରରେ ସାର । ସାବଧାନେ ଶୁଣ ଅହେ ପାର୍ଥ ଧନୁର୍ଦ୍ଧର ॥ ଯେଉଁ ପ୍ରାଣୀ ହସ୍ତେ କରେ ବିଷ୍ଣୁ ଧର୍ମ କର୍ମ । ସେ ହସ୍ତକୁ ସାରସ୍ୱତ ବୋଲନ୍ତି ଉତ୍ତମ । ଯେ ବିଷ୍ଣୁଙ୍କ ଧ୍ୟାନ କରି ଚର୍ମ ନେତ୍ରେ ଦେଖେ । ସେ ନେତ୍ରକୁ ଦିବ୍ୟ ଚକ୍ଷୁ ବୋଲି ନର ଲୋକେ ॥ ବିଷ୍ଣୁ ପୁରାଣକୁ କର୍ଣ୍ଣେ ଯେଉଁ ଜନ ଶୁଣେ । ସେ କର୍ଣ୍ଣକୁ ସାରସ୍ୱତ ମଧ୍ୟେ ମୁହିଁ ଗଣେ । ବିଷ୍ଣୁ ପାଦରେ ନମଇ ଯାହା ଶିର ଗୋଟି । ଶିରଙ୍କ ମଧ୍ୟରେ ସାର ଅଟେ ସେ ଶିରଟି ॥ ବିଷ୍ଣୁଙ୍କ ଭକ୍ତ ଅଟନ୍ତି ସଂସାରେ ଯେ ଲୋକ । ତାହାଙ୍କୁ ଛୁଇଁଲେ ପ୍ରାଣୀ ଲଭେ ତୀର୍ଥପାକ ॥ ମୋର ଦଶ ଅବତାର ମୂର୍ତ୍ତି ଜାଣ ଏକ । ମତ୍ସ୍ୟରୂପ ଧରି ମୋକ୍ଷ କରେ ସର୍ବ ଲୋକ ॥ କୂର୍ମ ଅବତାର ଧରି ପୃଥ୍ୱୀ ଭାର ନାଶେ । ବରାହ ରୂପ ଧରିଣ ଦୈତ୍ୟବଳ ଧ୍ୱଂସେ । ନରସିଂହ ଅବତାରେ ମହା ବିଷ୍ଣୁରୂପୀ । ବାମନ ରୂପରେ ବଳି ରାଜା ଛଳେ ଶୃପି ॥ ପରଶୁରାମ ରୂପରେ ପୃଥ୍ୱୀ ରକ୍ଷା କରି । ଶ୍ରୀକୃଷ୍ଣ ମୂରତି ଧରି କଂସଦର୍ପ ହରି ॥ ରାମ ଅବତାରେ ନାଶି ରାବଣର ବଂଶ । ବଉଦ୍ଧ ରୂପେ ହୋଇବ ନୀଳଗିରି ଈଶ ॥ ଦୋଷ ଅନୁରୂପେ ଜନେ ଦଣ୍ଡ ଦେଉ ଥିବ । ଦୁଷ୍ଟଜନଙ୍କୁ ସଂହାରି ସୁଜନ ପାଳିବ ॥ ଯାହାଙ୍କୁ ଯେବାଣ ଦଣ୍ଡ ବିହିତ ଶାସ୍ତ୍ରରେ । ତାହା ମୁଁ କହୁଛି ପାର୍ଥ ତୋହର ଆଗରେ ॥ ମାତା ପିତା ଶ୍ରୀଗୁରୁ ଯେ ଦେବତା ବ୍ରାହ୍ମଣ । ଏହାଙ୍କ ଦୋଷ ଦେଖିଣ ନ ଦଣ୍ଡିବ ପୁଣ ॥ ଭୃତ୍ୟ ଲୋକ ଦୋଷ ଯେବେ କହିବ ନ ଜାଣି । ନୀଚ ଲୋକ ହାତେ ତାକୁ ଦଣ୍ଡ ଦେବ ଆଣି ॥ ପୋଇଲା ଦୋଷ କଲେ କାଟିବ ତା ବାଳ । ବନ୍ଧୁ ଦୋଷ କଲେ ବାକ୍ୟ ନ ଦେବ କେବଳ ॥ ଭାଇ ଦୋଷ କଲେ ତାକୁ ଭିନ୍ନ କରି ଦେବ । ଭାର୍ଯ୍ୟା ଦୋଷ କଲେ ତାକୁ କଥା ନ କହିବ । ଦୁହିତା ଦୋଷ

କଲେ ତା ନ ଗ୍ରହିବ ମୁଖ । ଶଳା ଦୋଷ କଲେ ତାକୁ ନ ରଖିବ ପାଖ ॥ ପଡ଼ୋଶୀ ଦୋଷ କରିଲେ ପ୍ରଶଂସା କରିବ । ପୁତ୍ର ଦୋଷ କଲେ ତାକୁ ଅର୍ପଣେ ଦଣ୍ଡିବ ॥ କର୍ତ୍ତବ୍ୟ ନ ଚଳଲେଟି କାଢ଼ି ଦେବ ଘରୁ । ନ ମାରଣ ଭୁଞ୍ଜାଇବ ଦୋଷ କଲେ ଗୋରୁ ॥ ପ୍ରଜା ଦୋଷ କଲେ ତାର କାଟିନେବ ଭୂମି । ଜାମାତା ଦୋଷ କଲେ ଯେ କ କହିବ ହସି ॥ ସ୍ତ୍ରୀମାନେ ଯେବେ ପାର୍ଥ କରନ୍ତେଟି ଦୋଷ । ଘରରେ ରଖି ନ ଦେବ ତାଙ୍କୁ ଅନ୍ନ ଗ୍ରାସ ॥ ଶ୍ୱଶୁର ଦୋଷ କରିଲେ ନ କରିବ ମାନ୍ୟ । ଏତିକ ମାତ୍ରକେ ଦଣ୍ଡ ହୁଏ ତାକୁ ଜାଣ ॥ ନିମନ୍ତ୍ରିତ ଦୋଷ କଲେ ସେବା ଛଡ଼ାଇବ । ପାନ୍ଥ ଦୋଷ କଲେ ତାକୁ ଦ୍ୱାର ନରୋଧିବ ॥ କୁଳବଧୂମାନେ ଯେବେ କରିବେଟି ଦୋଷ । ପ୍ରପଠ ନ କର ତାହା ସହିବ ଅବଶ୍ୟ ॥ ନ୍ୟୂନାଧିକ କଲେ ଦାସ୍ତେ ଲଜ୍ଜା ଦେବ ପୁଣି । ସମ୍ମୁଖ ଦୋଷ କଲେ ନ ଦେବ ପୀଢ଼ା ପାଣି ॥ ପୂଆରମାନେ କରିବେ ଯେବେ ଜାଣ ଦୋଷ । ତାହାଙ୍କ ବସ୍ତୁରୁ ଭୋଗ ନ କରିବ ଗ୍ରାସ ॥ ଅରକ୍ଷିତ ଲୋକ ଯେବେ କରିବଟି ଦୋଷ । ତାହାଙ୍କୁ ଭୟ ଦେଖାଇ କହିବ ବିଶେଷ ॥ କରଣ ଦୋଷ କଲେ ତା ଜୀବିକା ହରିବ । ବାକ୍ୟ ହୁଡ଼ାଳ ଲୋକଙ୍କୁ ସଭାରୁ କାଢ଼ିବ ॥ ଚିତ୍ର ଦୋଷ କଲେ ନ କରିବଟି ଆଦର । ମହା-ରଣା ଦୋଷ କଲେ ବାସନ୍ଧବ ଘର ॥ ମାମୁଁ ଦୋଷ କଲେ ନ କରିବ ନିମନ୍ତ୍ରଣ । ଏତେକେ ଆଦର ଊଣା ହୁଏ ତାର ଜାଣ ॥ ଭଣ୍ଡାରୀ ଦୋଷ କଲେ ତା ମର୍ଦ୍ଦନ ବାସନ । ଗୋପାଳ ଦୋଷ କରିଲେ ଛଡ଼ାଇବ ଦୁଗ୍ଧ ॥ ତନ୍ତୁକୁଳ ଯେବେ ପାର୍ଥ କରିବେଟି ଦୋଷ । ତାହାଙ୍କର ତନ୍ତ କାଠ କାଢ଼ିବ ଅବଶ୍ୟ ॥ ଧୀବର ଦୋଷ କଲେଟି ଛଡ଼ିବ ତା ଜାଲ । ବାଳକ ଦୋଷ କଲେ ଯେ କରିବଟି ଖେଳ ॥ ଆବର ଯେତେକ ଜାତି ଅଛନ୍ତି ସଂସାରେ । ସେ ଦୋଷ କଲେ ନ ମାରି ଦଣ୍ଡିବ ବାକ୍ୟରେ ॥ କବି ଦୋଷ କଲେ ତାକୁ ନ କହିବ ଗୋଳ ॥ ନ ଗଲା ବୋଇଲେ ସେହୁ ବସନ୍ତ ନା ଛଳ ॥ ଅବେ ପାର୍ଥ ନାମ-

ରତ୍ନଗୀତା ମହାଗ୍ରନ୍ଥ । କହିଲି ସଂପୂର୍ଣ୍ଣ କରି ପରମପଦାର୍ଥ ॥ ଏହାକୁ ଯେ ଜନ ନିତ୍ୟ କଣ୍ଠରେ ଧରଇ । ଅନ୍ତ କାଳରେ ମୋହର ପୁରରେ ବସଇ ॥ ପରମ ପବିତ୍ର ଏହୁ ଗୀତା ମଧ୍ୟେ ସାର । କାମରତ୍ନଠାରୁ ରତ୍ନ ବଳି ନାହିଁ ମୋର ॥ ତୁହି ଏହାକୁ ଯଦ୍ୟପି ଯତନେ ରଖିବୁ । ଏ ଭବ ଭୟରୁ ସୁଖେ ପାର ହୋଇଯିବୁ ॥ ଶୁଣିକରି ଅରଜୁନ ହୋଇଲେ ସନ୍ତୋଷ । କାମରତ୍ନଗୀତା ଗ୍ରନ୍ଥ ଏଥୁ ହେଲା ଶେଷ ॥ ନମୋ ନମୋ ଦାମୋଦର ଲକ୍ଷ୍ମୀଦେବୀବର । ନମୋ ନମୋ ନନ୍ଦବାଳ ଗୋପାଳ ଶରୀର । ନମୋ ନମୋ ବନମାଳି ଗୋପୀନାଥ ମୂର୍ତ୍ତି । ନମୋ ନମୋ ଚଉବାହା ଦାରୁବ୍ରହ୍ମ ମୂର୍ତ୍ତି ॥ ନମୋ ନମୋ ବୃନ୍ଦାବନଚନ୍ଦ୍ର ଶ୍ରୀଗୋବିନ୍ଦ । ନମୋ ନମୋ ଶିଶୁପାଳନାଶନ ମୁକୁନ୍ଦ ॥ ନମୋ ରୁକ୍ମିଣୀବଲ୍ଲଭ ନମୋ ଦଇତାରି । ନମସ୍ତେ ନମସ୍ତେ ପ୍ରଭୁ ଶ୍ରୀରାଧାବିହାରୀ ॥ ନମସ୍ତେ ନମସ୍ତେ ପ୍ରଭୁ ପଙ୍କଜଲୋଚନ । ପୂର୍ଣ୍ଣନନ୍ଦ ଆନନ୍ଦକନ୍ଦ ପତିତପାବନ ॥ ସକଳ ଜୀବହୃଦରେ ତୁମ୍ଭ ଆତ୍ମା ଏକା । ପୁରାଣରେ ବୋଲାଉ ତୁ ଶୃତି ବେଦଟୀକା ॥ ଶିଳାଙ୍କ ମଧ୍ୟରେ ଅଟୁ ତୁହି ଶାଳଗ୍ରାମ । ଆଶ୍ରମ ମଧ୍ୟେ ବୋଲାଉ ବଦରିକାଶ୍ରମ ॥ ଦେବତାମାନଙ୍କ ମଧ୍ୟେ ତୁହି ଦେବ ଇନ୍ଦ୍ର । ମନୁଷ୍ୟମାନଙ୍କ ମଧ୍ୟେ ବୋଲାଉ ନରେନ୍ଦ୍ର ॥ ସପ୍ତଋଷିଙ୍କ ମଧ୍ୟରେ ଅଟୁ ଯୀରଷିନ୍ଦ୍ର । ନକ୍ଷତ୍ରଗଣଙ୍କ ମଧ୍ୟେ ତୁହି ପୂର୍ଣ୍ଣଇନ୍ଦୁ ॥ ଗିରିଙ୍କ ମଧ୍ୟେ ବୋଲାଉ ତୁହି ମେରୁ ଗିରି । ମୋଠାରେ କରୁଣା କର ଅହେ ନରହରି ॥ ମୁକ୍ତିହୀନ କୃଷ୍ଣ ଦାସ ତୋ ଦାସର ଦାସ । ତୋ ରଙ୍ଗାପୟରେ ସ୍ଥାନ ଦେବ ପୀତବାସ । ତୋହର କୃପାରେ କଲି ଏ ଗ୍ରନ୍ଥ ସମ୍ପୂର୍ଣ୍ଣ । ପଢ଼ିବା ଲୋକର ହେଉ ମନୋବାଞ୍ଛା ପୂର୍ଣ୍ଣ ॥

ଇତି ଶ୍ରୀକାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ଦୋଷାଦୋଷ ନିର୍ଣ୍ଣୟୋ ନାମ ସପ୍ତଦଶମୋଽଧ୍ୟାୟଃ ।

ସମ୍ପୂର୍ଣ୍ଣ ।

Printed by H. K. Das, Chandrodaya Press, Cuttack,

ବିଜ୍ଞାପନ ।

[illegible]
[illegible] ... ଆର. [illegible]
[illegible]

83/13

[illegible]	ଟ [illegible]	[illegible]	ଟ ୦ [illegible]
[illegible]	ଟ [illegible]	[illegible]	ଟ [illegible]
[illegible]	ଟ [illegible]	[illegible]	ଟ ୦ [illegible]
[illegible] ([illegible])	ଟ [illegible]	[illegible]	ଟ ୦ /
[illegible]	ଟ ୦ [illegible]	[illegible]	ଟ ୦ [illegible]
[illegible]	ଟ [illegible]	[illegible]	ଟ ୦ /
[illegible]	ଟ ୦ [illegible]	[illegible]	ଟ [illegible]
[illegible]	ଟ ୦ /	[illegible]	ଟ ୦ [illegible]
[illegible]	ଟ ୦ [illegible]	[illegible]	ଟ ୦ [illegible]
[illegible] ([illegible]) [illegible]	ଟ ୦ ।	[illegible]	ଟ ୦ [illegible]
		[illegible]	ଟ ୦ ।
[illegible]	ଟ ୦ [illegible]	[illegible]	ଟ [illegible]
[illegible]	ଟ ୦ [illegible]	[illegible]	ଟ [illegible]
[illegible]	ଟ ୦ [illegible]	[illegible]	ଟ [illegible]
[illegible]	ଟ ୦ [illegible]	[illegible]	[illegible]
[illegible]	ଟ [illegible]	[illegible]	ଟ [illegible]
[illegible]	ଟ [illegible]	[illegible]	ଟ [illegible]
[illegible]	ଟ ୦ [illegible]	[illegible]	ଟ [illegible]
[illegible]	ଟ [illegible]	[illegible]	ଟ [illegible]
[illegible]	ଟ [illegible]	[illegible]	ଟ [illegible]

[illegible]
[illegible]